# ପରାଧୀନ

ନଂ 23
ତା 17 J

ଲେଖକ:—

ଶ୍ରୀ ତ୍ରୈଲୋକ୍ୟନାଥ ନାୟକ

ସା: ପୋଡ଼ାଡ଼ିହ, ଭଦ୍ରକ ।

ପ୍ରକାଶକ:—

ଶ୍ରୀ କୃଷ୍ଣଚରଣ ସାହୁ

ପୁରୁଣାବଜାର, ଭଦ୍ରକ ।

ପ୍ରଥମ ମୁଦ୍ରଣ—୧୯୫୦—୧୦୦୦

ମୁଦ୍ରାକର:—

ଶ୍ରୀ ଘନଶ୍ୟାମ ସାହୁ

ଅନ୍ନପୂର୍ଣ୍ଣେଶ୍ୱରୀ ପ୍ରେସ, ପୁରୁଣାବଜାର

ଭଦ୍ରକ ।

ମୂଲ୍ୟ—ଟ ୧ ।

# ନିବେଦନ

ବହୁଦିନରୁ ମୁଁ ନାଟକ ଲେଖାରେ ସମୟ ଅତିବାହିତ କରିଛି । ଏହାମଧ୍ୟରେ ଆଜ କେତେଖଣ୍ଡ ବହି ମଧ୍ୟ ପୁସ୍ତକାକାରରେ ବାହାରି ସାରିଛି । ଆଜ ଏ ଆଧୁନିକ ଧରଣର ଲେଖା 'ପରାଧୀନ ନାଟକଟି ପାଠକମାନଙ୍କ ମନରେ ଅପୂର୍ବ ଆନନ୍ଦ ଜନ୍ମାଇବାର ଆଶା କରୁଁ । ଏଥିରେ ସାମାଜିକ ଓ ପାରିବାରିକ ଦିଗରେ ଶିକ୍ଷା ପରିସ୍ଫୁଟ ଭାବରେ ରହିଅଛି । ଏହାକୁ ଆମୂଳଚୂଳ ଥରେ ପାଠକଲେ ଲେଖକ ନବ୍ୟ ଯୁଗର ଯୁବକ ଯୁବତୀମାନଙ୍କର ମହତ୍ତ୍ୱ ଶିକ୍ଷାର ସ୍ତର ଗୁଡିକ କିପରି ଭାବରେ ସଜାଇ ଲେଖିଛନ୍ତି ଓ କିପରି ପ୍ରାଞ୍ଜଳ ଭାଷାରେ ବୀର, କରୁଣ ଓ ବାତ୍ସଲ୍ୟାଦି ରସଗୁଡିକ ପ୍ରତିବିମ୍ବିତ କରାଇଛନ୍ତି ତାହା ଦେଖି ପାରିବେ ।

ଅନୁରୋଧ—ଲେଖାର କୌଣସି ଦୋଷାଦୋଷ ଥିଲେ ତାହାର ସଂଶୋଧନ ପାଇଁ ପର ସଂସ୍କରଣରୁ ଆମ୍ଭଙ୍କୁ ସାବଧାନ କରି ଉତ୍ସାହିତ କରାଇବେ ।

ଏହି ନାଟକରେ ଥିବା ଗୀତ ସ୍ୱରଗୁଡିକ ଆମ୍ଭର ଗ୍ରାମ ଶ୍ରୀମା ରାମକୃଷ୍ଣ ରାଉତ ଓ ଶ୍ରୀମାନ୍ ନିତ୍ୟାନନ୍ଦ ନାୟକ (ସାଃ ଅନନ୍ତପୁର—ଭଦ୍ରକ) ମୋତେ ସାହାଯ୍ୟ କରିଥିବାରୁ ତାଙ୍କୁ ମୁଁ ଆନ୍ତରି ଧନ୍ୟବାଦ ଜଣାଉଛି ।

ବଶମ୍ବଦ
—ଲେଖକ

# ପୂଜା ଭେଟି

କେଜାଣି କାହିଁକି ତମକୁ ଦେଖିଲାବେଳେ ମୋ ମନରେ ଗୋଟିଏ ଆନନ୍ଦର ଢେଉ ଖେଳିଯାଏ । ତମେ ଗୋଟିଏ ଦେବ-ପ୍ରତିମୂର୍ତ୍ତି ପରି ମୋର ଆଖିକୁ ଦେଖାଯାଅ । ସ୍ନେହବୋଳା ବଚନ-ଗୁଡ଼ିକ ତମ ମୁଖରୁ ଝରିପଡ଼େ ମୋର କଥା ଶୁଣି । ମଧୁମୟ ହାସ ଫୁଟିଉଠେ ତମର ମୁଖରେ ମୋତେ ଦେଖିଲେ । ତମେ ସତ୍ୟନିଷ୍ଠ, ଧର୍ମପରାୟଣ ଅଛ । ତମକୁ ଆଜି ଧନବାନ, ବୁଦ୍ଧିମାନ୍ ଓ ଦେଶପ୍ରିୟ କରାଇଛି ତମର ଉଦାରତା । ମୁଁ ତମର ପିଲାଦିନର ବନ୍ଧୁ । ତମ ମନରେ ଯାହା ଥାଉ, ମୋ ମନରେ ମୁଁ ବାନ୍ଧିଛି ତମକୁ ବନ୍ଧୁ ଭାବେ । ମୋର ଏହି ଚିଜଟି ମୁଁ ଆଗେ ଦେବ ମୋର ବନ୍ଧୁଙ୍କୁ । ମୋର ଚିଜ ହେଉଛି "ପରାଧୀନ" ନାଟକଟି । ତାହା ପଢ଼ିବ ତମେ, ତାର ମୂଲ୍ୟ ବୁଝିବ ତମେ । ତମେ ମୋର ଅନ୍ତରଙ୍ଗ ବନ୍ଧୁ ଶ୍ରୀଯୁକ୍ତ କୃଷ୍ଣଚରଣ ସାହୁ । ତମର କରକମଳରେ ମୋର ଏହି ପୂଜାଭେଟି ପରାଧୀନ ନାଟକଟି ଅର୍ପଣ କଲି । ଇତି ।

ଦଶହରା

ଲେଖକ

ତା।.............

# ସୂଚୀ—

## ପୁରୁଷଗଣ:—

| | | |
|---|---|---|
| ସୁଧୀରଚନ୍ଦ୍ର | ... | କନୌଜର ରାଜା |
| ଅଜୟ | ... | ଯୁବରାଜ |
| ସୁକନ୍ଧର | ... | କନିଷ୍ଠ ରାଜପୁତ୍ର |
| ପ୍ରତାପଚନ୍ଦ୍ର | ... | କନୌଜର ସେନାପତି |
| ଶିଖରସିଂହ | ... | " ଭୂତପୂର୍ବ " ପୁତ୍ର |
| ବୀରେନ୍ଦ୍ର ସିଂହ | ... | ଅସହଯୋଗ ଆନ୍ଦୋଳନର ନେତା. |
| ରମଜାନ୍ | ... | ସିପାହୀ |
| ଇସ୍‌ମାଇଲ୍ | ... | " |
| ବିଦ୍ୟାଧର | ... | ନାଗରବାଲା |
| ମଦନ ଓ ଗୋପାଳ | ... | ଚଣ୍ଡାଳ ଦ୍ୱୟ |
| ରାହାସବିହାରୀ | ... | ନାଗରିକ |
| ହରିମାଝୀ | ... | କେଉଟ |
| ତହସିଲ୍‌ଦାର | ... | ଖଜଣା ଆଦାୟକାରୀ |

## ସ୍ତ୍ରୀ ଗଣ:—

| | | |
|---|---|---|
| କୁମୁଦନୀ | ... | ରାଜରାଣୀ |
| ସରଳା | ... | ଅମରସିଂହ କନ୍ୟା |
| ଚମ୍ପା | ... | ଦାସୀ |
| ସୁଲି | ... | କେଉଟୁଣୀ ବଧୂ |
| ସାବି | ... | " ଶାଶୁ |

# ପରାଧୀନ

## ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ—ସରଳା ମନ୍ଦିର

ଉତ୍କଳ ସଂଘ ଲାଇବ୍ରେରୀ
ନଂ. 23)....
ତା 17 ... 1959
ବାଉରଡ଼େଙ୍କାଲି

( ଗାନ )

ସରଳା—　　ସଜାଇ ସଜ ବିଛଣା
　　　　　　　　ସ୍ୱପନ ମୂରତି ପାଇଁ,
　　　　ବାନ୍ଧ ପଣତନ୍ତ୍ରେ ସଦା କି
　　　　　　　　ରଖିବ ଗଣ୍ଠି ବନାଇ । ୧ ।

ଅଜୟ—　　ଚକ୍ଷୁ ରଞ୍ଜାଇ ଯେ ଫୁଲ
　　　　　　　　ମଣ୍ଡିଲା ହୃଦ-ଗଗନ
　　　　ସେହି ମୋ ପ୍ରାଣ ଭୂଷଣ
　　　　　　　　କାଟିବି ତା ସାଥେ ଦିନ । ୨ ।

ସରଳା—କିଏ ବନ୍ଧୁ ! ବଡ଼ ଭୁଲ କରିଛ । ଯେ ମୋ ପ୍ରାଣର ସଖା, ଯେ ମୋର ହୃଦୟର ଦେବତା, ତାଙ୍କ ପ୍ରତି ବନ୍ଧୁ ସମ୍ବୋଧନ ସୁନ୍ଦର ନୁହେଁ । ପ୍ରାଣନାଥ ! ଦାସୀର ଦୋଷ କ୍ଷମା କରିବେ କି ?

ଅଜୟ—କ୍ଷମା କାହାଠାରୁ ନିଅନ୍ତି ସରଳା ! ମୁଁ ଯେ ତୁମ୍ଭ ହୃଦୟର ପୂର୍ଣ୍ଣ ଅଧିକାରୀ ନୁହେଁ ।

ସରଳା—ଆଜ କଏ ନାଥ ? କାହିଁକି ଏ ଅସହାୟା ନାରୀ ମସ୍ତକରେ ବଜ୍ରପାତ କରୁଛନ୍ତି ?

ଅଜୟ—ବର୍ତ୍ତମାନ ଏ ସୁଦୃଢ଼ ପ୍ରେମରଜ୍ଜୁ ବିଚ୍ଛେଦନ ପାଇଁ ପିତା ମାତାଙ୍କର ଯେଉଁ ତୀକ୍ଷ୍ଣ ଖଣ୍ଡା ଦଣ୍ଡାୟମାନ ତାହା ଦେଖି ମୋର ହୃଦୟ ବିଦୀର୍ଣ୍ଣ ହେଉଛି ।

ସରଳା—ପ୍ରାଣବାୟୁ ଉଡ଼ିଯାଉ ନାଥ, ଏ ଗଳା ଛିଣ୍ଡିଯାଉ, ମୁଁ କଦାପି ତୁମ୍ଭ ସାଥୀ ଛାଡ଼ି ପାରିବ ନାହିଁ । ଆଉ ବି ରାଜ ପୁରକୁ ଯିବାକୁ ଦେବି ନାହିଁ ।

ଅଜୟ—ବିପଦ, ବଡ଼ ବିପଦ—ଆଉ ଯେ ବେଶି ସମୟ କଥା କହିବାକୁ ନାହିଁ । ଏହି ଯେ ସଙ୍ଗେ ସଙ୍ଗେ ଆସି ପହଞ୍ଚିବେ ।

( ମୋଟରର ଶବ୍ଦ )

( ରାଜାଙ୍କର ପ୍ରବେଶ )

ରାଜା—ସରଳା ! ତୁମ୍ଭେ ଯେ କେଡ଼େ ବଡ଼ ରାଜବଂଶଟାକୁ ଧ୍ୱଂସ କରିବାକୁ ବସିଛ, ଏହାର କାରଣ କଣ ?

ସରଳା—ମହାରାଜ ! କି ଆଶ୍ଚର୍ଯ୍ୟ କଥା କହୁଛନ୍ତି ? ଦାସୀର କି କ୍ଷମତା ଅଛି ଯେ ଏଡ଼େବଡ଼ ବିଶାଳ ରାଜବଂଶକୁ ଧ୍ୱଂସ କରିବ ।

ରାଜା—ଜାଣ ତ ଅଜୟସିଂହ ମୋର ପୁତ୍ର । ତାର ଚରିତ୍ର ପଥରେ ଯେ କଣ୍ଟକ ରୋପଣ କରୁଛ ସେଥିରେ ଦାୟୀ କଏ ? ତୁମ୍ଭେ ଜଣେ ବେଶ୍ୟା ହୋଇ, ଗୋଟିଏ ପବିତ୍ର ରାଜକୁଳକୁ ଅପବିତ୍ର କରୁଛ, ସେଥିରେ ଦଣ୍ଡ ନାହିଁ କି ?

ଳା—ବେଶ୍ୟା କିଏ ? କାହିଁକି ଏପରି ଅସଙ୍ଗତ କଥା ପ୍ରକାଶ କରୁଛନ୍ତି ?

ଜା—ବେଶ୍ୟା ତୁମ୍ଭେ, ତୁମ୍ଭେ ବେଶ୍ୟାର କନ୍ୟା । ସାବଧାନ ହୁଅ, ଆଉ ଯେପରି ରାଜପୁତ୍ର ତୁମ୍ଭ ପୁରରେ ପ୍ରବେଶ ନ କରେ ॥

( ରାଜାଙ୍କର ପ୍ରସ୍ଥାନ )

ଦୂତର ଗାନ— (ଭାତ ଭାତ—ବୁଢ଼େ )

ରାଜ୍ୟ—ରାଜ୍ୟ—ରାଜ୍ୟ—ରାଜ୍ୟ ।
ଏହି ରାଜ୍ୟ ପାଇଁ କେତେ ମାଗିଛି ସାହାଯ୍ୟ ॥
ପୂର୍ବକାଳ ଆର୍ଯ୍ୟସୁତ ଧରିଥିଲେ ଏକତାନ
ଭାରତର ଏକଜାତି ରଖିଅଛି ସ୍ୱାଧୀନତା
ଗୃହ ବିବାଦକୁ ତୋର ହରିନେବ ତେଜ । ୧ ॥
ମାତୃଭୂମି ହରାଇବୁ ବିପଦ-ଡରାଇ ଦେଲ
ମାତାଙ୍କ ବୁଦ୍ଧିରେ ମାତ ସ୍ୱଜନେ ଅଭାବ କରୁ
ଶେଷରେ ବଶ ହୋଇବ ବିଶ୍ୱାସୀର କାର୍ଯ୍ୟ । ୨ ।
ଆପେ ଆପେ ହଣାହଣି ହେଲେ ଆସିବ ଜଞ୍ଜାଳ
ପରାଧୀନ ପ୍ରଲପ୍ତି କଲୁଷ ଆବିଳ ପ୍ରାଣି
ସାବଧାନ ହୁଅ ଭୂତ ଭବିଷ୍ୟତ ଭଜ । ୩ ।

## —ଦ୍ୱିତୀୟ ଦୃଶ୍ୟ—

( ରାଜପୁର )

ରାଜା—ମୋର ବର୍ତ୍ତମାନ ପ୍ରଧାନ କର୍ତ୍ତବ୍ୟ—ପୁତ୍ରକୁ ଆୟତ୍ତ କରିବା, ଦ୍ୱିତୀୟରେ ରାଜ୍ୟରକ୍ଷା କରିବା ।

ସେନାପତି—ବର୍ତ୍ତମାନ ଅହମେଦା ନଗରର ରାଜା ବଣିକ ଦଳର ସହଯୋଗରେ କନୌଜ ରାଜ୍ୟ ଅଧିକାର କରିବ ।

ରାଜପୁତ୍ର—ସେନାପତି ! ଆପଣ ଆଜି କନୌଜ ରାଜ୍ୟ ପରିତ୍ୟାଗ କରନ୍ତୁ । ବର୍ତ୍ତମାନ ଆପଣ କର୍ତ୍ତବ୍ୟଜ୍ଞାନ, ରାଜଦ୍ରୋହୀ—ଆପଣଙ୍କ ଯୋଗୁଁ ଆମ୍ଭ ରାଜ୍ୟ ପରାଧୀନ ହେବ । ଏହା ସୁନିଶ୍ଚିତ । ଆପଣ ଯେ ପିତା ପୁତ୍ରଙ୍କ ମଧ୍ୟରେ ବିବାଦର ସୂତ୍ରପାତ କରୁଛନ୍ତି, ତାହା ମୁଁ ଠିକ୍ କରି ବୁଝି ପାରୁଛି । ଯାଅ—ତୁମ୍ଭେ ଶୀଘ୍ର ଆମ୍ଭ ଦେଶରୁ ଅନ୍ତର ହୁଅ ।

ସେନାପତି—ରସନା ସଂଯତ କର ଯୁବରାଜ ! ତୁମ୍ଭର ସେ ଅଧିକାର ଆସିନାହିଁ ଯେ ସ୍ୱୟଂ ରାଜାଙ୍କ ବିଦ୍ୟମାନରେ ସେନାପତି ଓ ରାଜକର୍ମଚାରୀମାନଙ୍କୁ ତଡ଼ିଦେବ । ଭାବି ଦେଖ—ତୁମ୍ଭ ଭବିଷ୍ୟତ ଜୀବନ କେତେ କଣ୍ଟକମୟ । ତୁମ୍ଭେ ଚରିତ୍ର-ପଥରେ କାଳି ଲଗାଇ ରାଜସିଂହାସନ ଅଧିକାର କରିବ, ତାହା କଦାପି ହେବନାହିଁ ।

ରାଜା—ତୁମ୍ଭେ ମୋର ଅଧୀନ କି ସ୍ୱାଧୀନ ? ତୁମ୍ଭେ ମୋର ପୁତ୍ର ହୋଇ ମୋର ଆଦେଶ ଅବମାନନା କରିବା ଉଚିତ କି ? ଶୀଘ୍ର ତୁମ୍ଭର ଚରିତ୍ରପଥ ନିର୍ମଳ କର । ଅତି ଶୀଘ୍ର ବେଶ୍ୟା ସରଳାକୁ ପରିତ୍ୟାଗ କର ।

## —ଦ୍ୱିତୀୟ ଦୃଶ୍ୟ—

( ରାଜପୁର )

ରାଜା—ମୋର ବର୍ତ୍ତମାନ ପ୍ରଧାନ କର୍ତ୍ତବ୍ୟ—ପୁତ୍ରକୁ ଆୟତ୍ତ କରିବା, ଦ୍ୱିତୀୟରେ ରାଜ୍ୟରକ୍ଷା କରିବା ।

ସେନାପତି—ବର୍ତ୍ତମାନ ଅହ୍ମେଦା ନଗରର ରାଜା ବଣିକ ଦଳର ସହଯୋଗରେ କନୌଜ ରାଜ୍ୟ ଅଧିକାର କରିବ ।

ରାଜପୁତ୍ର—ସେନାପତି ! ଆପଣ ଆଜି କନୌଜ ରାଜ୍ୟ ପରିତ୍ୟାଗ କରନ୍ତୁ । ବର୍ତ୍ତମାନ ଆପଣ କର୍ତ୍ତବ୍ୟଭ୍ରଷ୍ଟ, ରାଜଦ୍ରୋହୀ— ଆପଣଙ୍କ ଯୋଗୁଁ ଆମ୍ଭ ରାଜ୍ୟ ପରାଧୀନ ହେବ । ଏହା ସୁନିଶ୍ଚିତ । ଆପଣ ଯେ ପିତା ପୁତ୍ରଙ୍କ ମଧ୍ୟରେ ବିବାଦର ସୂତ୍ରପାତ କରୁଛନ୍ତି, ତାହା ମୁଁ ଠିକ୍ କରି ବୁଝି ପାରୁଛି । ଯାଅ—ତୁମ୍ଭେ ଶୀଘ୍ର ଆମ୍ଭ ଦେଶରୁ ଅନ୍ତର ହୁଅ ।

ସେନାପତି—ରସନା ସଂଯତ କର ଯୁବରାଜ ! ତୁମ୍ଭର ସେ ଅଧିକାର ଆଦୌ ନାହିଁ ଯେ ସ୍ୱୟଂ ରାଜାଙ୍କ ବିଦ୍ୟମାନରେ ସେନାପତି ଓ ରାଜକର୍ମଚାରୀମାନଙ୍କୁ ଦଣ୍ଡଦେବ । ଭାବି ଦେଖ—ତୁମ୍ଭ ଭବିଷ୍ୟତ ଜୀବନ କେତେ କଣ୍ଟକମୟ । ତୁମ୍ଭେ ଚରିତ୍ର- ପଥରେ କାଳି ଲଗାଇ ରାଜସିଂହାସନ ଅଧିକାର କରିବ, ତାହା କଦାପି ହେବନାହିଁ ।

ରାଜା—ତୁମ୍ଭେ ମୋର ଅଧୀନ କି ସ୍ୱାଧୀନ ? ତୁମ୍ଭେ ମୋର ପୁତ୍ର ହୋଇ ମୋର ଆଦେଶ ଅବମାନନା କରିବା ଉଚିତ କି ? ଶୀଘ୍ର ତୁମ୍ଭର ଚରିତ୍ରପଥ ନିର୍ମଳ କର । ଅତି ଶୀଘ୍ର ବେଶ୍ୟା ସରଳାକୁ ପରିତ୍ୟାଗ କର ।

ଅଜୟ—ପ୍ରକୃତରେ ସରଳା ବେଶ୍ୟା ନୁହେଁ ପିତା । ସେ ଦିଲ୍ଲୀଶ୍ୱର ସେନାପତି ଅମର ସିଂହଙ୍କର କନ୍ୟା । କାଳକ୍ରମେ ପରବର୍ତ୍ତୀ ଅମରସିଂହ ଶତ୍ରୁ ଆକ୍ରମଣରେ କନ୍ୟାସହ ପଳାୟନ ସମୟରେ ଶତ୍ରୁ ହସ୍ତରେ ପ୍ରାଣ ହରାଇଲେ । ନିଃସହାୟା ଅମରସିଂହଙ୍କର କନ୍ୟା ଅମ୍ଭ ରାଜ୍ୟରେ ସ୍ଥାନ ନେଇଛନ୍ତି । ସେ ତ ବେଶ୍ୟା ନୁହେଁ ।

ରାଜା—ଯଦି ତୁମ୍ଭର କଥା ଆମୂଳଚୂଳ ସତ୍ୟ ବୋଲି ଧରାଯାଏ— କହିଲ ତୁମେ କିପରି ରାଜପୁତ୍ର ହୋଇ ସେନାପତି କନ୍ୟାର ପ୍ରଣୟୀ ହେବ ? ଏହା ଯେ ରାଜନୀତି ନୁହେଁ । ତାହାହେଲେ ତୁମ୍ଭେ ରାଜସିଂହାସନ ପାଇ ପାରିବ ନାହିଁ ।

ଅଜୟ—ସେନାପତି ଅମର ସିଂହ ଜୟପୁରର ରାଜା ଥିଲେ । ସେ ରାଜ୍ୟଚ୍ୟୁତ ହୋଇ ଦିଲ୍ଲୀଶ୍ୱରଙ୍କର ସେନାପତିତ୍ୱ ଗ୍ରହଣ କରିଥିଲେ । ଅତଏବ ସରଳା ରାଜକୁଳସମ୍ଭୂତା । ସରଳାକୁ ମୋର ବର୍ଜନ କରିବା ବିଧେୟ ନୁହେଁ ।

ରାଜା—ନା, ସରଳାକୁ ତୁମ୍ଭେ ତ୍ୟାଗ କର । ଠିକ୍ କରି କୁହ ମୋର ଆଦେଶ ମାନିବ କି ନା ?

ଅଜୟ—ପରେ ଏହାର ସଠିକ୍ ଉତ୍ତର ଦେବ । (ପ୍ରସ୍ଥାନ)

ସେନାପତି—ଦେଖିଲେ ମହାରାଜ ! କପୋଳକଳ୍ପିତ ଗଳ୍ପଟି ଆପଣଙ୍କ ସମ୍ମୁଖରେ ଯୁବରାଜ ଉପସ୍ଥାପନ କରି ସରଳାକୁ ଉଚ୍ଚ ସୋପାନରେ ବସାଇଛନ୍ତି । ଯାହାର ମନର ଗତି ସେହି ଦିଗରେ—ସେତ ବେଶ୍ୟାକୁ ଛାଡ଼ି ରହି ପାରିବେ ନାହିଁ । ସେ ଯେଉଁ କଠିନ ବେଶ୍ୟାପ୍ରେମର ବନ୍ଧନ, ତହିଁରୁ ମୁକୁଳିବା ସେ ଯୁବକ ପକ୍ଷରେ ଅସମ୍ଭବ ।

ରାଜା—ସରଳା କଣ ପ୍ରକୃତରେ ବେଶ୍ୟା ?

ସେନାପତି—କିଛି ସନ୍ଦେହ ନାହିଁ । ତାର ପ୍ରମାଣ ଦରକାର ମୁଁ ଦେଖାଇ ଦେବି ।

ରାଜା—କଣ କରିବା ସେନାପତି ! କିପରିଭାବେ ପୁତ୍ରକୁ ଅସ୍ୱୀକାର କରିବା ?

ସେନାପତି—ବେଶ୍ୟାକୁ ରାଜ୍ୟରୁ ତଡ଼ି ଦିଅନ୍ତୁ । ନଚେତ୍ ଇନ୍ଦ୍ର-ଧାମକୁ ବିଦାୟ ଦିଅନ୍ତୁ ।

ରାଜା—ମୁଁ କିଛି ଭାବି ସ୍ଥିର କରି ପାରୁନାହିଁ ।

—ତୃତୀୟ ଦୃଶ୍ୟ—

( ସେନାପତି ସରଳା ମନ୍ଦିରରେ ପ୍ରବେଶ )

ସେନାପତି—ସରଳା, ସରଳା—ଦ୍ୱାର ଖୋଲ ।

ସରଳା—କିଏ ଡାକୁଛନ୍ତି ?

ସେନାପତି—ମୁଁ ସେନାପତି ।

ସରଳା—କାହିଁକି ଆସିଛନ୍ତି ?

ସେନାପତି—ଅନେକଗୁଡ଼ିଏ କଥାବାର୍ତ୍ତା ଅଛି ।

ସରଳା—ତେବେ ବସନ୍ତୁ ।

ସେନାପତି—ତୁମ୍ଭେ କିଛି ଖାଇବାର ବ୍ୟବସ୍ଥା କରୁଛ ନା ?

ସରଳା—ହତଭାଗିନୀ କି ବ୍ୟବସ୍ଥା କରିବ ?

ସେନାପତି—ଆଚ୍ଛା, ସରଳା—ଗୋଟିଏ କଥା କହିବି । ତୁମ୍ଭେ ମନ-ଯୋଗ ଦେଇ ଶୁଣ ।

ସରଳା—କହନ୍ତୁ ନାହାନ୍ତି ।

ସେନାପତି—ଆଚ୍ଛା ସରଳା ! ତୁମ୍ଭେ ଯେ ରାଜପୁତ୍ର ପ୍ରେମରେ ପଡ଼ି ସର୍ବନାଶ ହେଉଛ, ତାହା ତୁମ୍ଭେ କଣ ବୁଝି ପାରୁନାହଁ ? ତୁମ୍ଭେ ଯେପରି ପରମ ରୂପବତୀ—ସେହିପରି ମଧ୍ୟ ବୁଦ୍ଧିମତୀ । ରାଜପୁତ୍ର ପ୍ରେମରେ ପଡ଼ି ବିପଦ ଭୋଗିବ । ସେଥିରେ ତୁମ୍ଭର ଲାଭ କଣ ?

ସରଳା—ରାଜପୁତ୍ର ପ୍ରେମରେ ପଡ଼ିଲେ ବିପଦ କିଛି ନାହିଁ ତ ?

ସେନାପତି—ବିପଦ କିଛି ନାହିଁ ? ଜାଣ ? ରାଜାଙ୍କର କି ମନ୍ତ୍ରଣା ? ତାଙ୍କର ଇଚ୍ଛା, ସେ ତୁମ୍ଭର ପ୍ରାଣ ପର୍ଯ୍ୟନ୍ତ ବିନାଶ କରି ପାରିବେ । ଏହା କଣ ବିପଦ ନୁହେଁ ?

ସରଳା—ପ୍ରାଣ ନାଶ କରିବେ କାହିଁକି ?

ସେନାପତି—ବୁଝିରଖ, ଅଜୟ ଯେ ଜଣେ ରାଜପୁତ୍ର । ତାହାର ଚରିତ୍ରପଥ କଳଙ୍କିତ ହେଉଛି । ଏହା ହେଲେ ଅଜୟ ରାଜଗାଦି ପାଇ ପାରିବ ନାହିଁ । ତେଣୁ ରାଜାଙ୍କର ତୁମ୍ଭ ଉପରେ ବେଶୀ ରାଗ । ସେ ତୁମ୍ଭଙ୍କୁ ବିନାଶ କରି ପାରିବେ । ତୁମ୍ଭେ ଅଜୟଙ୍କୁ ତ୍ୟାଗ କର ।

ସରଳା—ଅଜୟଙ୍କୁ ତ୍ୟାଗ କଲେ ଚଳିବ କିପରି ? 'ସେ ଯେ ମୋର ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି ।

ସେନାପତି—ସେଥିପାଇଁ ଚିନ୍ତା କରନାହିଁ । ମୁଁ ସେ ଖର୍ଚ୍ଚ ସମସ୍ତ ତୁଲାଇବି ।

ସର—ତାହାହେଲେ ମୁଁ ଅଜୟଙ୍କୁ ତ୍ୟାଗ କରିପାରେଁ ।

ସେନାପତି—ତୁମ୍ଭର କଣ ଅଭାବ ଅଛି ? ଆଜ କଣ ଆବଶ୍ୟକ ?

ସରଳା—କଣ ଅଭାବ ନାହିଁ ?

ସେନାପତି—ତେବେ ଏହି ପଚିଶଟି ରୌପ୍ୟମୁଦ୍ରା ନିଅ । ପୁଣି ଆସିଲେ କଥାବାର୍ତ୍ତା । ( ପ୍ରସ୍ଥାନ )

( ଅଜୟର ପ୍ରବେଶ )

ଅଜୟ—କଣ ଗୁଣୁଆଏ ଭାବୁଛ ସରଳା !

ସରଳା—ନା, କିଛି ଭାବୁନାହିଁ ତ; ଆପଣଙ୍କର ଖବର କଣ ?

ଅଜୟ—ଖବର ବୁଝିବ ? ରାଜାଙ୍କର ମୋର ବଡ଼ ତର୍କ ବିତର୍କ ହୋଇଛି । ତେବେ ମୁଁ ଜାଣି ପାରୁଛି—ସେନାପତି ପିତାଙ୍କୁ ହସ୍ତଗତ କରି ଏ ଅନର୍ଥ ଘଟାଉଛି । ବର୍ତ୍ତମାନ ସେନାପତି ଯେ ଆମ୍ଭର ଶତ୍ରୁ ।

ସରଳା—ମୁଁ ତାହା ବେଶ କରି ଜାଣେ—ସେନାପତି ଯାହା ଭାବନ୍ତି ତାହା ସେ କରି ପାରିବ ନାହିଁ । ସେ ପରର ଅନିଷ୍ଟ ଭାବନ୍ତି କିନ୍ତୁ ସେ ନିଜେ ଭୋଗିବ । ଆପଣ ଅନ୍ୟ କିଛି ଭାବନ୍ତୁ ନାହିଁ ।

ଅଜୟ—ଆଚ୍ଛା ତୁମ୍ଭେ ମୋତେ ତ୍ୟାଗ କରି ପାରିବ କି ?

ସରଳା—ନା, ତାହା ହେବନାହିଁ । ଜୀବନ ତ୍ୟାଗ କରି ପାରିବି, କିନ୍ତୁ ତୁମ୍ଭଙ୍କୁ ତ୍ୟାଗ କରି ପାରିବି ନାହିଁ ।

ଅଜୟ—ମୁଁ ମଧ୍ୟ ଶପଥ କରୁଛି । ମୁଁ ରାଜପଣ, ଏ ଦେଶ ଓ ପିତା-ମାତା ପର୍ଯ୍ୟନ୍ତ ତ୍ୟାଗ କରିବାକୁ ପ୍ରସ୍ତୁତ । କିନ୍ତୁ ତୁମ୍ଭକୁ ତ୍ୟାଗ କରି ପାରିବି ନାହିଁ ।

ଅନୁଚର—ଯୁବରାଜ ବାବୁ ! କାଲି ସେନାପତିଙ୍କ ସହିତ ରାଜାଙ୍କର ପରାମର୍ଶ ହୋଇଛି । ସେ ସରଳାକୁ ରାଜ୍ୟରୁ ତଡ଼ିଦେବେ—ନଚେତ୍ ହତ୍ୟା କରିବେ । (ଚରର ପ୍ରସ୍ଥାନ)

ଅଜୟ—କଣ ? ହତ୍ୟା କରିବେ ? କି ଆଶ୍ଚର୍ଯ୍ୟ ! ନାରୀକୁ ହତ୍ୟା କରିବାକୁ ଇଚ୍ଛା ହେଲା ? ଏ କି ଧର୍ମଛଡ଼ା ବୁଦ୍ଧି । ହାୟରେ ବିଧାତା ! ଏ କି ଅନ୍ୟାୟ ବ୍ୟବହାର ।

ସରଳା—ନାଥ ! ବ୍ୟସ୍ତ ହୁଅନ୍ତୁ ନାହିଁ । ସରଳାକୁ ହତ୍ୟା କରିବାର କ୍ଷମତା ମନୁଷ୍ୟ ହାତରେ ନାହିଁ । ଅଛି କେବଳ ଈଶ୍ବରଙ୍କ ହାତରେ । ଆଚ୍ଛା, ତାହା ସେ କରନ୍ତୁ । କିନ୍ତୁ ବୀରର ଖଣ୍ଡା ଶରୀରର ନିଃଶ୍ୱାସ ସଙ୍ଗେ ସହନ୍ତୁନାହିଁ ।

ଅଜୟ—ଆଜି, ମୁଁ ଯେ କୌଣସି ଉପାୟେ ହେଉ ସେନାପତିର ପ୍ରାଣ ବିନାଶ କରିବି ସରଳା ! ତା'ରି ପାଇଁ ସବୁ ଅନର୍ଥ ଘଟୁଛି । ଆଜି ନିଶ୍ଚୟ-ସେନାପତିକୁ ହତ୍ୟା କରିବି ।

ସରଳା—ଏପରି କଥାକୁ ମନରେ ସ୍ଥାନ ଦିଅନ୍ତୁ ନାହିଁ । ଯେ ଯେଉଁ ଗାତ ଖୋଳେ ସେ ସେହି ଗାତରେ ପଡ଼େ । ମନୁଷ୍ୟ ମନୁଷ୍ୟର କୌଣସି ଅନିଷ୍ଟ କରି ପାରେନାହିଁ ।

ଅଜୟ—ଧନ୍ୟ ତୋର ବୁଦ୍ଧି ସରଳା ! ତୋର ମଧୁମୟ ବାକ୍ୟରେ ମୋର ହୃଦୟରେ ଅପୂର୍ବ ଆନନ୍ଦ ଖେଳି ଯାଉଛି ।

( ସମସ୍ତଙ୍କର ପ୍ରସ୍ଥାନ )

# —ଦ୍ୱିତୀୟ ଅଙ୍କ—

## ପ୍ରଥମ ଦୃଶ୍ୟ

( ସରଳା ପୁର )

ରାଣୀ—ସରଳା, ତୁମ୍ଭେ କାହିଁକି ଅଜୟର ଜୀବନଟାକୁ ନଷ୍ଟ କରିବାକୁ ବସିଛ ? ସେ ଜଣେ ରାଜପୁତ୍ର—ତା ଉପରେ ଯେ ତୁମ୍ଭର ଆକାଂକ୍ଷା ହେବା, ଉଚିତ ନୁହେଁ । ତୁମ୍ଭେ ଶୀଘ୍ର ଅଜୟକୁ ତ୍ୟାଗ କର ।

ସରଳା—ଅଜୟକୁ ତ୍ୟାଗ କରିବି କିପରି ମା' ? ଅଜୟ ମୋତେ ତ୍ୟାଗ ନ କଲେ ମୁଁ ତାଙ୍କୁ କିପରି ତ୍ୟାଗ କରିବି ? ଆପଣ ଆପଣଙ୍କ ପୁତ୍ରଙ୍କୁ ସାବଧାନ କରାଇ ଦିଅନ୍ତୁ । ସେ ମୋତେ ତ୍ୟାଗ କରନ୍ତୁ ।

ଅଜୟ—(ପ୍ରବେଶି) କାହିଁକି ସରଳାକୁ ଅଜୟ ତ୍ୟାଗ କରିବ ମା ? ସରଳାର ପ୍ରକୃତରେ ଦୋଷ କଣ ?

ରାଣୀ—ଅଜୟ ! ତୁ କଣ ପାଗଳ ହେଲୁଣି ? ତୋ ନାଁରେ ଏତେ ହାଟେନାଟ ବସୁଛି କାହିଁକି ?

ଅଜୟ—ହାଟେନାଟ ବସୁଛି କେବଳ ସେନାପତି ଯୋଗେ । ସେନାପତିର ଉଦ୍ଦେଶ୍ୟ—ସେ ପିତା ପୁତ୍ରଙ୍କ ମଧ୍ୟରେ ବାଦ ବିବାଦ ସୃଷ୍ଟି କରି ରାଜ୍ୟଟିକୁ ନିଜ ହସ୍ତଗତ କରିବ । ସରଳା ପ୍ରକୃତରେ ବେଶ୍ୟା କନ୍ୟା ନୁହେଁ । କିନ୍ତୁ ସରଳା ପ୍ରକୃତରେ ଆମ୍ଭ ସେନାପତିଙ୍କ ଶତ୍ରୁର କନ୍ୟା । ସେନାପତିଙ୍କର ପୂର୍ବ ଇତିହାସ ସରଳାଙ୍କଠାରୁ ସଂପୂର୍ଣ୍ଣ ବୁଝି

ପାରିବେ । ସେ ପ୍ରଥମେ ସରଳା ଦେବୀଙ୍କର ପିତାଙ୍କ ନିକଟରେ ସେନାପତିତ୍ୱ କରୁଥିଲେ । ସେ କାଳକ୍ରମେ ସମସ୍ତ ରାଜ୍ୟର ସୈନ୍ୟ ସେନା ଓ ପ୍ରଜାମାନଙ୍କୁ ଆୟତ୍ତ କରି ସରଳାଙ୍କ ପିତା ଅମରସିଂହଙ୍କୁ ରାଜ୍ୟରୁ ତଡିଦେଲେ । କିନ୍ତୁ ଅମରସିଂହଙ୍କ କନିଷ୍ଠ ଭ୍ରାତା ଦୁର୍ଜୟସିଂହଙ୍କ ଦ୍ୱାରା ସେନାପତି ବିତାଡିତ ହେଲେ । ଏ ବିଷୟ ସରଳା ମୋତେ ସତର୍କ କରିଛନ୍ତି । ସେହି ସେନାପତି ଯୋଗେ ଆମର ରାଜ୍ୟ ଶତ୍ରୁ ହାତରେ ପଡ଼ିବ । ତାର କୌଶଳ ଜଣା ପଡିଯିବ ବୋଲି ସେ ସରଳାକୁ ପରିତ୍ୟାଗ କରିବା ନିମିତ୍ତ ମୋତେ ଜୋର ଦେଉଛନ୍ତି ଏବଂ କୌଶଳ କରି ସରଳାର ଦୁର୍ନାମ ରଟନା କରୁଛନ୍ତି । ସରଳା ବେଶ୍ୟା କନ୍ୟା ବୋଲି ପ୍ରକାଶ କରୁଛନ୍ତି । ଏଥି ନିମିତ୍ତ ରାଜାଙ୍କୁ ମଧ୍ୟ ହାତ ମୁଠାରେ ରଖିଛନ୍ତି ।

ରାଣୀ—ଏହା କଣ ପ୍ରକୃତ ସତ୍ୟ ସରଳା ?

ସରଳା—ପୂର୍ବ ଇତିହାସ କଣ କହିବି ମା !

ଭାଗ୍ୟରେ ଅଛି କୁଟୀରବାସ—
ହୀନ ଜନରେ ଗଣନା,
କିନ୍ତୁ ଥିଲି ଯେଉଁ ରାଜପୁର,
ରାଜସୁଖ ଭୋଗେ—
ରାଜକନ୍ୟା ବୋଲି ପୋଛି ଦେଇ ଧାତା ।
ଏ ଭାଗ୍ୟ ଚକ୍ରରୁ—
କରାଇଲି କାଙ୍ଗାଳୁଣୀ,

ପୁଣି କରାଉଛି ବେଶ୍ୟାରେ ଗଣନା ।
କି କ୍ଷମତା ଅଛି—
ଏ ଅତ୍ୟାଗୃହୀ ସେନାପତି ହସ୍ତେ ?
ଥିଲି ଏଠୁ, ଯେବେ ମୋର ପିତୃରାଜ୍ୟ
ସେନାନୀ ପଦରେ ।
ଯାହା ଯାହା କରିଅଛି, ନାଷ୍ଟ୍ରୁରତା କାର୍ଯ୍ୟ;
କହିଲି ବେଳକୁ ତାହା
ହୃଦୟୁ ଥର ଉଠେ ମୋର—
ବହିଯାଏ ଚକ୍ଷୁରୁ ଲୋତକ ।
ନିର୍ଦ୍ଦୟ ସେନାପତି,
ହତ୍ୟାକଲା ମୋ ପିତାଙ୍କୁ ଯେ କାଳେ
ନ ଭାବିଲା ପ୍ରଭୁ ବୋଲି ତଳେ—
ତାହାରି ପାଇଁ ମୋର
ହେଲା ଏ ଦୁର୍ଦ୍ଦଶା;
ଗଲା ପିତୃରାଜ୍ୟ ମୋର ।
ଦେଖାଲୁ ଜନନୀ !
ତା ମନରୁ ଛାଡ଼ିନାହିଁ ସେ ପୂର୍ବ ଆକ୍ରୋଶ ।
ସରଳା ପାଇବ କାଳେ ରାଜପୁରେ ସ୍ଥାନ,
ଜାଣିଯିବେ ରାଜପୁରେ ତାର ଇତିହାସ—
ସେଥିଯୋଗୁଁ କରିଅଛି ରାଜାଙ୍କୁ ଅଧୂତ୍ର ।
ସରଳାକୁ କରୁଅଛି
ବେଶ୍ୟାରେ ଗଣନା ।

ରକ୍ଷୀ—ଭୟ କରନାହିଁ ସୁନ୍ଦରୀ ! ଡରନାହିଁ, ନିଶ୍ଚୟ ତୁମେ ରାଜବଧୂ ହେବ । ରାଜପୁରେ ସ୍ଥାନ ପାଇବ । ମୁଁ ଯାଉଛି । ସେ ପିଶାଚ ସେନାପତିର କୌଶଳ ବୁଝି ପାରିଲି । ତାକୁ ମୋ ରାଜାଙ୍କୁ ଦଣ୍ଡ ଦେବାକୁ ଯଥେଷ୍ଟ ପ୍ରତିକାର କରିବି ।

( ପ୍ରସ୍ଥାନ )

## —ଦ୍ୱିତୀୟ ଦୃଶ୍ୟ—

( ରାଜପଥ )

( ବେଶ୍ୟାରତ ରାସବିହାରୀ ପ୍ରବେଶ )

ରାସବିହାରୀ—ମନୁଷ୍ୟ ସମାଜରେ ଘୃଣାର କଥା ଯେ—ବେଶ୍ୟା-ବାଡ଼ି ଯିବା, ବିଳାସୀମାନଙ୍କ ପକ୍ଷରେ ତାହା ଆଦରର ଧନ । ଜ୍ଞାନୀର ଚକ୍ଷୁରେ ତାହାର ଅସଳ ବସ୍ତୁ ଭିତରେ ଥାଏ । ପ୍ରକୃତରେ ଯେଉଁମାନେ ଘୃଣା କରନ୍ତି, ସେମାନେ ଜ୍ଞାନୀ ନୁହନ୍ତି ବୋଲି କହିଲେ ଚଳେ । ମୁଁ ଯେ ଏ ବାଟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମୋର ବିଳାସର ସୀମା ବଢ଼ାଇ ଦେଉଛି, ସେଥିରେ ମୋର କଣ ଖତି ହୋଇ ଯାଉଛି ? ମୋ ମନରେ କି ଶୃଙ୍ଖଳ୍ୟ ଖେଳି ଯାଉଛି—ହୃଦୟରେ କି ଉତ୍ସାହ ଫୁଟି ଉଠୁଛି ତାହା ମୁଁ ଜାଣେ ।

ସେନାପତି—ରାହାସବହାଶ୍ୱ ବାବୁ ! ଦିନାକେତେ ମୋଟରରେ ଯା' ଆସ କରୁଛନ୍ତି—ପୁଣି ଦିନାକେତେ ସାଇକେଲରେ— ଆଜି ତ କାହିଁକି ପଦବ୍ରଜରେ ?

ଉହାସ—ଗୁଡ଼ମର୍ଣ୍ଣିଂ ସେନାପତି ବାବୁ ! ଆଜି ନୀଳମଣି ପ୍ରସାଦ୍‌ ସାଙ୍ଗରେ ଷ୍ଟାର୍ ଫଲ୍ ସିନେମା ଦେଖିବାକୁ ଯାଇଥିଲି । କିନ୍ତୁ ମୋଟର ବା ସାଇକେଲ କିଛି ଆଣିନାହିଁ । ଆପଣଙ୍କ ରାଜଗଡ଼ରେ ଯେଉଁ ସବୁ ଆନ୍ଦୋଳନ ଉଠିଥିଲା ସେ ସବୁ କଣ ହେଲା ?

ସେନାପତି—ସେଇଥିପାଇଁ ତ ମୁଁ ଆପଣଙ୍କ ପଥ ଚାହିଁ ବସିଥିଲି । ଆପଣ ଟିକିଏ ଅନୁଗ୍ରହ କଲେ ମୋର ଗୋଟିଏ ବଡ଼ କାମ ହାସଲ ହୁଅନ୍ତା ।

ଉହାସ—ବିପଦ୍‌ବୃଦ୍ଧି କଣ କୁହନ୍ତୁନ । ମୋ ଦ୍ୱାରା ଯଦି ସାଧନ ହେବା ସମ୍ଭବ—ତେବେ ତାହା ମୁଁ କରିବାକୁ କୁଣ୍ଠିତ ନୁହେଁ ।

ସେନାପତି—ମୁଁ ବେଶୀ କିଛି କହୁନାହିଁ । ଦିନେ ମୋ ପାଇଁ ପଦେ ମିଛ କହିବେ ।

ଉହାସ—ସେଥିପାଇଁ କିଛି ଭାବନ୍ତୁ ନାହିଁ । ମୋର ମିଥ୍ୟା କହିବା ଦ୍ୱାରା ଯଦି ଆପଣଙ୍କର କୌଣସି ଉପକାର ସାଧିତ ହେବ— ମୁଁ ମିଥ୍ୟା କହିବାକୁ କୁଣ୍ଠିତ ନୁହେଁ । ବିଦାୟ ।

ଗୁଡ୍ ବାଏ ମିଷ୍ଟର୍
( ପ୍ରସ୍ଥାନ )

ସେନାପତି—ରାହାସବହାଶ୍ୱଙ୍କ କଥାରେ ରାଜା ନିଶ୍ଚୟ ବିଶ୍ୱାସ କରିବେ । ତେବେ ଯାଉଛି ସରଳାକୁ ବେଶ୍ୟାରେ ପରିଣତ

କରିବାକୁ ଉପାୟ ଖୋଜିବ । ସେହି ଉପାୟର ମୂଳକ ଏହି ରାଜାସ୍ୱବିଧାରୀ ପଟ୍ଟନାୟକ ହେବେ ।

( ନେପଥ୍ୟ ଗାନ )

ଅନ୍ଧାରି ମୂଲକ ନୁହେଁରେ ବାଡ଼ିଆ ତୋ ବାଡ଼ି ରଙ୍ଗ,
ମନ୍ତ୍ରୀଆଳୀ ବୁଦ୍ଧିରେ ତୁ କଲୁ କେଡ଼େ କର୍ମ ଦେଖ ।
ମୁହିଁ କି ତୋହର ତୁ ନୁହେଁ କାହାର,
ପାରି କରିବ କେ ବନ ପାରାବାର,
ଭ୍ରମିଲୁଣି ଭ୍ରମିଯିବୁ ପଶିବୁ ଯମ ମୂଲକ । ୨ ।
ଦାମ୍ଭିକ ଦମ୍ଭ କୁଠାର,
ସେହି ତୋ ଗଳାର କ୍ଷୁର;
ଡାକି ଡାକି ତଣ୍ଟି ଶୁଖିଗଲେ କିଏ ଶୁଣିବ ତୋ ଡାକ । ୩ ।

( ପ୍ରସ୍ଥାନ )

## —ତୃତୀୟ ଦୃଶ୍ୟ—

( ରାଜପୁର )

( ରାଜା ଓ ରାଣୀର ପ୍ରବେଶ )

ରାଣୀ—ସର୍ବନାଶ ଘଟିବାର କଥା । ସେନାପତି ଯୋଗେ ମୋର ରାଜ୍ୟ, ଧନ ଶତ୍ରୁ ହସ୍ତରେ ପଡ଼ିବ । ଏଥିରେ ରେଣୁ ମାତ୍ର

ଭୁଲ୍ ନାହିଁ । ବାପ ପୁଅଙ୍କ ମଧ୍ୟରେ ଯେଉଁ ବାଦ ବିବାଦର ସୃଷ୍ଟି ହେଲାଣି—ସେଥିର ଶେଷଫଳ ଯେ କଣ ଘଟିବ ତାହା ଈଶ୍ୱର ଜାଣନ୍ତି ।

ରାଜା—କଣ ଗୁଡ଼ାଏ ଭାବୁଛ କୁମୁଦିନୀ ! ପୁଣି ଅଜୟ ଯେ ରାଜ୍ୟରୁ ଗଲା । ସେ ତ ସରଳାକୁ ଛାଡ଼ିଲା ନାହିଁ—କଣ କରାଯିବ ?

ରାଣୀ—ବର୍ତ୍ତମାନ 'ନବ୍ୟ ଧରଣର ପିଲାମାନେ ଯାହା କରିବାର କଥା—ସେ ତାହା କରୁଛନ୍ତି । ଆଜିକାଲି କଣ ବାପ ମା'ଙ୍କ କଥା ରହୁଛି ? ସେ ଯଦି ତାର ଚିରପ୍ରିୟା ନିଜେ ବାଛି ନେଇଛନ୍ତି ସେଥିରେ ଆମ୍ଭେ ବାଧା ଦେବା ଅନୁଚିତ ।

ରାଜା—ବର୍ତ୍ତମାନ ନବ୍ୟ ଧରଣର ପିଲାମାନେ କଣ ବେଶ୍ୟାବାଡ଼ି ଯାଉଛନ୍ତି ? ଏହା କଣ ରାଜପୁତ୍ରମାନଙ୍କର 'କର୍ତ୍ତବ୍ୟ ? ତେବେ ତୁମ୍ଭେ ବୋଧହୁଏ ଅଜୟକୁ ସେ କାର୍ଯ୍ୟରେ ଉତ୍ସାହ ଦେଉଛ । ତୁମ୍ଭର ବଳରେ ଅଜୟ ମୋ କଥା କାନକୁ ନେଉନାହିଁ ।

ରାଣୀ—ସରଳା ତ ବେଶ୍ୟା ନୁହେଁ—ଅଜୟ ତାକୁ ବିଭା ହେଲେ କ୍ଷତି କଣ ?

ରାଜା—ସରଳା ବେଶ୍ୟା ବୋଲି ତୁମ୍ଭେ ପ୍ରଥମେ କହୁଛ—ଅଜୟକୁ ସରଳା ଘରକୁ ଯିବାକୁ ତୁମ୍ଭେ ବାରଣ କରୁଛ—ବର୍ତ୍ତମାନ ଯେ ତୁମ୍ଭର କଥା ସମ୍ପୂର୍ଣ୍ଣ ବିପରୀତ । ଏହାର କାରଣ କଣ ?

ରାଣୀ—ମୁଁ ଦେଖୁଛି—କେବଳ ସେନାପତି ଲାଗି ସବୁ ଗୋଳମାଳ ଘଟୁଛି । ସରଳା ବେଶ୍ୟା କନ୍ୟା—ଏ ଧାରଣା ସେନାପତି

ସମସ୍ତଙ୍କ ମନରେ ଜନ୍ମାଇଛନ୍ତି । ପ୍ରକୃତରେ ମୁଁ ବୁଝିଲିଣି—ସରଳା ବେଶ୍ୟାକନ୍ୟା ନୁହେଁ—ସେ ଜୟପୁର ରାଜା ଅମରସିଂହଙ୍କର କନ୍ୟା ।

ରାଜା—ତୁମ୍ଭେ ସେନାପତିଙ୍କ ବିରୁଦ୍ଧରେ କୌଣସି କଥା କହି ପାରିବ ନାହିଁ । ସେନାପତିଙ୍କ ଯୋଗେ ମୋର ରାଜ୍ୟ ଶତ୍ରୁ ହସ୍ତରୁ ରକ୍ଷା ପାଇଛନ୍ତି । ଏପରି ସୁଦକ୍ଷ ଯୋଦ୍ଧା ଓ ପ୍ରତ୍ୟୁତ୍ପନ୍ନମତି ସେନାପତି ମିଳିବା ଅସମ୍ଭବ । ସେହି ସେନାପତି ଯୋଗେ ଯେ ଅହମଦା ନଗର ହସ୍ତଗତ ହୋଇଛନ୍ତି । ପ୍ରକୃତରେ ସେନାପତି ବିଶ୍ୱାସୀ । ତୁମ୍ଭେ ସେନାପତି ବିରୁଦ୍ଧରେ କୌଣସି କଥା ନ କହି ପୁତ୍ରକୁ ଶାସନ କର ।

ରାଣୀ—ତୁମ୍ଭେ ସେନାପତିକୁ ଶାସନ କର । ପୁତ୍ରର ଦୋଷ ନାହିଁ ।

ରାଜା—ସେନାପତିକୁ କିଏ ଶାସନ କରିବ ? ସେନାପତି ମୋର କିଛି କ୍ଷତି କରିନାହାନ୍ତି ।

ରାଣୀ—କ୍ଷତି କରି ନାହାନ୍ତି—ଏହି ଯେ ପ୍ରକାଣ୍ଡ କ୍ଷତିର ସୂତ୍ରପାତ କରୁଛନ୍ତି । ପିତା ପୁତ୍ରଙ୍କ ମଧ୍ୟରେ ବିବାଦ ଲଗାଇ ଦେଇଛନ୍ତି ଏହାର ପରିଣାମ କଣ ହେବ—ତାହା ଟିକିଏ ଭାବି ଦେଖନ୍ତୁ । ମୋ ଉପରେ ବିରକ୍ତ ହେବାର କୌଣସି କାରଣ ନାହିଁ ।

ରାଜା—ବାପ ପୁଅଙ୍କ ମଧ୍ୟରେ ବିବାଦ ଯେ—ଅଜୟ ସରଳା ବେଶ୍ୟା ପୁରକୁ ଯିବା । ତେବେ ଅଜୟ ସରଳାକୁ ତ୍ୟାଗ କରୁନାହିଁ କାହିଁକି ?

ରାଣୀ—ସରଳା ତ ବେଶ୍ୟା ନୁହେଁ—ସେ ତାକୁ ତ୍ୟାଗ କରିବ କାହିଁକି ?

ରାଜା—ଚୁପ୍ କର ରାଣୀ, ନିଶ୍ଚୟ ସରଳା ବେଶ୍ୟା । ତୁମ୍ଭେ ମୋ ସାଙ୍ଗରେ ପ୍ରତିବାଦ କରିବା ନିତାନ୍ତ ଭୁଲ୍ । ଯାଅ—ଅନ୍ତର ହୁଅ । ଅଜୟ ଯଦି ମୋ ବାକ୍ୟ ଅବମାନନା କରି ସରଳାକୁ ତ୍ୟାଗ ନ କରେ—ତେବେ ତାର ମୃତ୍ୟୁ ପର୍ଯ୍ୟନ୍ତ ଘଟିପାରେ । ତୁମ୍ଭେ ଶୀଘ୍ର ଅଜୟକୁ ସାବଧାନ କରିଦିଅ ।

ରାଣୀ—ଅଜୟର ମୃତ୍ୟୁ ପର୍ଯ୍ୟନ୍ତ ଘଟିବ ? କିଏ ମାରିବ ରାଜା ! ରାଜା, ରାଜା, ସାବଧାନ ହୁଅ—ଏତେ ଗର୍ବରେ କଥା କୁହ-ନାହିଁ । ଏଠା କଣ ସେନାପତିର ବୁଦ୍ଧି ? ରେ ସେନାପତି ! ତୋର ଏତେ ସାହସ—ତୁ ମୋର ସର୍ବନାଶ କରିବାକୁ ପରାମର୍ଶ ଦେଉଛୁ ? ମହାରାଜ ! ସାବଧାନ ହୁଅନ୍ତୁ । ଶୀଘ୍ର ସେନାପତିକୁ ରାଜ୍ୟରୁ ତଡି ଦିଅନ୍ତୁ । ତା ନ ହେଲେ ସେ ଶକୁନି ପରି ତୁମ୍ଭର ସର୍ବନାଶ କରିଦେବ ।

ରାଜା—(ସହାସ୍ୟେ) ସେନାପତିକୁ ରାଜ୍ୟରୁ ତଡିଦେବି । ତାର ଅର୍ଥ—ରାଜ୍ୟଟିକୁ ଶତ୍ରୁ ହସ୍ତରେ ଦେଇଦେବି । ରାଣୀ ବୁଦ୍ଧିମତୀ, ଅଜୟ ବୁଦ୍ଧିମାନ୍, ମୁଁ ରାଜା ହୋଇ କଣ ହେବ ମୋର ବୁଦ୍ଧିଶୁଦ୍ଧି ନାହିଁ । ମୁଁ ସ୍ତ୍ରୀ ପୁତ୍ର ବୁଦ୍ଧିରେ ନ ଚଳିଲେ ତ ଚଳିବ ନାହିଁ । ମୋ ହାତରେ ତ କ୍ଷମତା କିଛି ନାହିଁ ଯେ ମୁଁ ପୁତ୍ର ସ୍ତ୍ରୀଙ୍କୁ ଜବଦ କରି ପାରିବି । ରାଣି ! ସାବଧାନ ହୁଅ । ତୁମ୍ଭେ ମୋତେ ରାଜା ବୋଲି

ଜ୍ଞାନ କର—ମୋର ଅଧୀନ ବୋଲି ଭାବ ରଖ—ରାଜଦଣ୍ଡ ଆଇନରେ ରାଜଦ୍ରୋହୀମାନଙ୍କୁ ଦଣ୍ଡ ନାହିଁ କି ?

( ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

( ସରଳା ମନ୍ଦିର )

ସେନାପତି - ସରଳା ! ଭଲରେ ଅଛ ?

ସରଳା—ଆପଣଙ୍କର ସବୁ ଭଲ ତ ?

ସେନାପତି—ଅଜୟବାବୁ ଆସିଥିଲେ କି ?

ସରଳା—ଅଜୟବାବୁ ଏହି ଦଣ୍ଡେ ହେବ ବାହାରିଗଲେ !

ସେନାପତି—କେଣିକି ଗଲେ ?

ସରଳା—ରାଜା ତାଙ୍କୁ ଡକାଇ ନେଇଛନ୍ତି—ସେ ଶୀଘ୍ର ଚାଲିଗଲେ ।

ସେନାପତି—ସରଳା, ଗୋଟାଏ ବିଷୟରେ ଆସିଥିଲି—କହିବାକୁ ଲଜ୍ଜା ବୋଧ କରୁଛି ।

ସରଳା—କି ବିଷୟ ସେନାପତି ବାବୁ !

ସେନାପତି—ଏତିକି କଥାରୁ କଣ ବୁଝି ପାରୁ ନାହାନ୍ତି ?

ସରଳା—ନା, ବୁଝିବି କିପରି ? ଖୋଲି କରି କହୁ ନାହାନ୍ତି ?

ସେନାପତି—ଖୋଲି କଣ କହିବି ସରଳା ! ତୁମ୍ଭର ରୂପ ଲାବଣ୍ୟ-ବଚନ ମାଧୁରୀରେ କେଉଁ ଯୁବକ ମୋହିତ ନ ହେବ । ସେନାପତି ଆଜି ତୁମ୍ଭ ରୂପରେ ମୁଗ୍ଧ । କନ୍ଦର୍ପର ଉନ୍ମାଦନା

ହୃଦୟ ଅସ୍ଥିର କରୁଛି । ମୁଁ ଆଜି ତୁମ୍ଭ ସଙ୍ଗ-ସୁଖ ଇଚ୍ଛାରେ ଆଗମନ କରିଛି । ମୋର ଏ ଅଭିଳାଷ ପୂର୍ଣ୍ଣ କରିବ କି ?

ସରଳା—ଯେ ବିଶାଳ ସାମ୍ରାଜ୍ୟର ସେନାପତି, ଯେ ଭାରତର ଏକମାତ୍ର ବୀରଶ୍ରେଷ୍ଠ—ଯେ ମହାଜ୍ଞାନୀ, ବହୁଦର୍ଶୀ—ଯୁଦ୍ଧ ପ୍ରବୀଣ—ଯେ ମହା ତେଜବନ୍ତ ରାଜଗଡ଼ରେ ମାନବ ତିଳକ ହୋଇ ରହିଛନ୍ତି—ତାଙ୍କୁ କଣ ଅଭାବ ଅଛି ଯେ ସାମାନ୍ୟ ବେଶ୍ୟା ପ୍ରେମ ସୁଖ ଉପଲବ୍ଧି କରି କି ତୃପ୍ତି ଲାଭ କରିବେ ? ଏ ଦାସୀର କି କ୍ଷମତା ଅଛି ଯେ ସାମାନ୍ୟ ରୂପ ମାଧୁରୀରେ ସେନାପତିଙ୍କୁ ବିମୋହିତ କରି ପାରିବ ? ଏହା ଅସମ୍ଭବ ।

ସେନାପତି—ଅସମ୍ଭବ କଣ ସରଳା ! ଅସମ୍ଭବ ଯେ ସଙ୍ଗେ ସଙ୍ଗେ ସମ୍ଭବ । ତୁମ୍ଭେ ଆସ ତୁମ୍ଭର କେଳି ମନ୍ଦିରକୁ ।

ସରଳା—ସେନାପତି ! ଆପଣ କଣ ପ୍ରକୃତରେ ମୋ ପ୍ରତି ଆକୃଷ୍ଟ ?

ସେନାପତି—ନିଶ୍ଚୟ ସରଳା ! ସେଥିରେ ଟିକିଏ ମାତ୍ର ସନ୍ଦେହ ନାହିଁ । ତୁମ୍ଭେ ଆଉ ବିଳମ୍ବ କର ନାହିଁ ।

ସରଳା—ଆପଣ ଏ ତୁଚ୍ଛ କାର୍ଯ୍ୟରେ କିପରି ମନ ବଳାଇଲେ ? ଆପଣ ବେଶ୍ୟା ପ୍ରେମରେ ପଡ଼ିବେ କିପରି ? ସରଳା ଯେ ଦୂଷିତା—ଆପଣ ସରଳା ପ୍ରେମରେ ପଡ଼ି ନିଜର ଚରିତ୍ର ପଥକୁ କଳଙ୍କିତ କରିବେ କିପରି ? ମୋର ଅନୁରୋଧ, ଆପଣ ଶୀଘ୍ର ଏ ସରଳା ପୁରରୁ ଅନ୍ତର ହୁଅନ୍ତୁ ।

ସେନାପତି—ତୁମର ସୌନ୍ଦର୍ଯ୍ୟ ମୋତେ ପାଗଳ କରିଛି ସୁନ୍ଦରୀ ! ଆଉ ମୋତେ ବଞ୍ଚନା କରନା । ( ହାତଧରି ଟାଣିବା )

ତା............
ବଉଳ ଚଙ୍କଲ

ସରଳା—ଯାଓ, ମୋ ହାତ ଛାଡ଼ । ସରଳାକୁ ଛୁଇଁବା ଯୋଗ୍ୟ ତୁମ୍ଭେ ନୁହଁ ।
ତୁମ୍ଭେ ପୂର୍ଣ୍ଣ ଲମ୍ପଟ—ତୁମ୍ଭେ କପଟୀ, ଅଭାଗ୍ୟ ! ସାମାନ୍ୟ ଜଣେ ସେନାପତି ହୋଇ ରାଜକନ୍ୟା ସହିତ ରମଣ ଇଚ୍ଛା କରୁଛ ? ମୁଁ ତୁମ୍ଭଙ୍କୁ ଭଲ କରି ଚିହ୍ନିଛି । ତୁମ୍ଭର ପୂର୍ବ ଇତିହାସ ସ୍ମରଣ କଲା ମାତ୍ରେ ଆପାଦମସ୍ତକ କମ୍ପି ଉଠୁଛି, ହୃଦୟ ଥରି ଉଠୁଛି—ଚକ୍ଷୁରୁ ଲୋତକ ବିନ୍ଦୁ ଖସି ପଡ଼ୁଛି । ସାବଧାନ ପିଶାଚ ! ଶୀଘ୍ର ବେଶ୍ୟାପୁର ତ୍ୟାଗ କର ।

ସେନାପତି—ସରଳା, ତୁମ୍ଭେ ବୁଝି ପାରିଲ ନାହିଁ । ମୁଁ ଯେତେବେଳେ ତୁମ୍ଭ ପିତା ଅମର ସିଂହଙ୍କ ନିକଟରେ ସେନାପତିତ୍ୱରେ ଥିଲି ସେତେବେଳେ ତୁମ୍ଭେ ଯେ ମୋର ଅତି ଆଦରର ଧନ ଥିଲ । ତୁମ୍ଭଙ୍କୁ ପାଇବା ଆଶାରେ କେବଳ ରାଜାଙ୍କ ବିରୁଦ୍ଧରେ କେତେଗୁଡ଼ିଏ କାର୍ଯ୍ୟ କରିଥିଲି । ଆଜି ସେହି ସରଳା ମୋର ହୃଦୟ କିଣି ନେଇଛି । ମୋତେ ମଧ୍ୟ ଜ୍ଞାନହରା କରାଉଛି । ଆଉ ପୂର୍ବ କଥା ଗୁଡ଼ିକ ମନରେ ସ୍ଥାନ ନ ଦେଇ ମୋର ଚିର ତୃଷା ନିବାରଣ ନିମିତ୍ତ ଦୁର୍ଲଭ ସଙ୍ଗସୁଖ ପ୍ରଦାନ କର—ମୋର ଆଶା ପୂର୍ଣ୍ଣ କର ସରଳା !

ସରଳା—ରେ ନିଦାରୁଣ ମାନବ ! ସାମାନ୍ୟ କୁଳରେ ଜନ୍ମ ହୋଇ କେଡ଼େ ବଡ଼ ରାଜବଂଶର କନ୍ୟା ଜୀବନକୁ ନଷ୍ଟ କରିବାକୁ ବସିଛ—କରିଅଛ ଯେଉଁ ପଶୁତୁଲ୍ୟ କାର୍ଯ୍ୟ—ସରଳାପାଇଁ ଜୟପୁର ରାଜବଂଶକୁ ଧ୍ୱଂସ କରିଛ । ଅମର ସିଂହଙ୍କର ପ୍ରାଣ ପର୍ଯ୍ୟନ୍ତ ବିନାଶ କରିଛ—ସରଳାକୁ ଭିକାରୁଣୀ କରିଛ । ସରଳା ମନରୁ ଯାଇନାହିଁ ତାହା—ସରଳାର ପିତୃଘାତକୁ

କିଏ ? ତୁମ୍ଭେ—ସେନାପତି ! ସରଳାକୁ ପାଇବା ଆଶା ମନରୁ ତ୍ୟାଗ କର । ଶୀଘ୍ର ଏଠାରୁ ଅନ୍ତର ହୁଅ ।

ସେନାପତି—ଏଠାରୁ ଅନ୍ତର ହେବା ପୂର୍ବରୁ ତୁମ୍ଭର ପ୍ରାଣ ବିନାଶ କରିବା ଶ୍ରେୟସ୍କର ହେବ । ସାବଧାନ !! ତୁମ୍ଭେ ସାମାନ୍ୟ ଜଣେ ନାରୀ—ଏପରି କ୍ଷମତାଶୀଳ ସେନାପତିଙ୍କୁ ତୁଚ୍ଛ ମନେକରି ଏପରି ଅପମାନ ଦେଉଛ—ସେଥିରେ ତୁମ୍ଭର ଫଳ କଣ ହେବ—ଥରେ ଭାବିଲ ?

ସରଳା—ସାବଧାନ ସେନାପତି ! ନାରୀ ବୋଲି ଏତେ ହେୟଜ୍ଞାନ କର ନାହିଁ । ମୃତ୍ୟୁର ଭୟ ଆଉ ଦେଖାଅ ନାହିଁ । ସେଥିରେ ତୁମ୍ଭ ନିଜର ମୃତ୍ୟୁ ସୁନିଶ୍ଚିତ । ତୁମ୍ଭ ପରି ସରଳା ନିଷ୍ଠୁରା ନୁହେଁ—ତୁମ୍ଭ ପରି ସରଳା ଅତ୍ୟାରୁଚଣୀ ନୁହେଁ । ସ୍ୱଭାବତଃ ନାରୀର ହୃଦୟ ଦୟା ଦାକ୍ଷିଣ୍ୟରେ ପୂର୍ଣ୍ଣ ! ସେମାନେ ହତ୍ୟାକାରଣୀ ନୁହନ୍ତି । ସରଳାର ଭୟଙ୍କର ଅନିଷ୍ଟକାରୀ ହୋଇ ତା ମନ୍ଦିରରେ ପ୍ରେମ ଭିକ୍ଷାର୍ଥୀ ? ଏହା 'ସରଳା ସହିନ୍ତି, କିନ୍ତୁ କେଉଁ ଭାରତୀୟା ନାରୀ ସହିବ ? ସରଳାର କ୍ଷମତା ଅଛି ସେ ସେନାପତିଙ୍କୁ ଭୃତ୍ୟ ବୋଲି ମନେ କରନ୍ତି—ସେ ସେନାପତିଙ୍କୁ ଶତ୍ରୁ ବୋଲି ମନେକରେ । ସରଳା ରାଜକନ୍ୟା, ସେ ସାମରିକ ବିଦ୍ୟା ଅଭ୍ୟାସ କରିଛି । ଏହିପରି ଶତ ଶତ ସେନାପତିଙ୍କୁ ପାଦରେ ଦଳି ଦେଇପାରେ—ବଳରେ ପରାସ୍ତ କରି-ପାରେ । ଏହି ଦେଖ ସେନାପତି ! ସରଳାର ପିସ୍ତଲ, ତରଓ୍ୱାଲ ପରିଧେୟ ବସ୍ତ୍ର ତଳେ ସଜାଇ ଦେଇଛି । ସରଳା କୌଣସି ମତେ ଅପ୍ରସ୍ତୁତା ନୁହେଁ ।

ସେନାପତି—ତେବେ ସରଳା, ମୁଁ ତୁମ୍ଭଙ୍କୁ ପଚ୍ଛଣ ଗୋଟି ରୌପ୍ୟ ମୁଦ୍ରା ପ୍ରଦାନ କରିଥିଲି—ତାହା ମୋତେ ପ୍ରଦାନ କର । ମୁଁ ତୁମ୍ଭ ମନ୍ଦିରରୁ ଅନ୍ତର ହେବି ।

ସରଳା—ହଁ, ତାହା ଦେବି । କିନ୍ତୁ ତାହା ତ ଅଜୟ ବାବୁଙ୍କ ଜିମାରେ ଅଛି । ଟିକିଏ ଅପେକ୍ଷା କରି ପାରିବେ କି ?

ସେନାପତି—ଅପେକ୍ଷା ଶୋଭନୀୟ ନୁହେଁ । ତୁମ୍ଭେ ଶୀଘ୍ର ଋଣ ପରିଶୋଧ କର । ତା ନହେଲେ ତୁମେ କଳଙ୍କିତ ହେବ ।

ସରଳା—ସତ କଥା, ସେନାପତି ! ଋଣ କରିବି ? ଆଚ୍ଛା, ଏହି ମୋର ସ୍ୱର୍ଣ୍ଣ ମୁଦ୍ରା କାଟି ନେଇ ତୁମ୍ଭ ଋଣରୁ ମୁକ୍ତ କର ।

( ସେନାପତି ମୁଦ୍ରା କାଟି ନେଇ ପ୍ରସ୍ଥାନ )

ସରଳା—ଓଃ, ବଡ଼ ଭୁଲ୍ କରିଛି ! ସେନାପତି ! ସେନାପତି ! ଫେରିଆସ । କଣ କଲି ? ମୋର ନାମାଙ୍କିତ ମୁଦ୍ରା କାଟି ଦେଇ ଦେଲି । ସେ ଏହି ମୁଦ୍ରା କାଟି ପାଇ କୁଟିଳ ଚକ୍ରାନ୍ତ କରି ରାଜପୁତ୍ରର ଭୟଙ୍କର ଅନିଷ୍ଟ କରିପାରେ । ତାହା ନ ଦେଇ ମୋର ରତ୍ନହାରଟି ପ୍ରଦାନ କରିଥିଲେ ଭଲ ହୋଇଥାନ୍ତା । ଯାହା ହେବାର ତ ହେଲଣି, ଆଚ୍ଛା, କଣ କରୁଛି କରୁ ।

( ଅଜୟ ପ୍ରବେଶ କଲେ )

ଅଜୟ—ପ୍ରେମମୟୀ ! ଚକ୍ଷୁ ଯୋଡ଼କ ଆରକ୍ତ, ମୁଖରେ ବିଷାଦର ଛାୟା, ଚଞ୍ଚଳମତି ସ୍ଥିର ହୋଇନାହିଁ । କି ଘଟଣା ଘଟିଥିଲା କି ?

ସରଳା—ଆସିଥିଲା ସେହି ପିଶାଚ, ରାକ୍ଷସ, ଲମ୍ପଟ, ଅତ୍ୟାଚାରୀ ସେନାପତି ।

ଅଜୟ—କଣ କହୁଥିଲା ?

ସରଳା—ମାଗୁଥିଲା ମୋଠାରେ ପ୍ରେମଭିକ୍ଷା ।

ଅଜୟ—ବେଶ୍ ସୁବିଧା ଥିଲା—ଥିଲା ତୁମ୍ଭ ନିକଟରେ ବାରୁଦଭରା ପିସ୍ତଲ ଓ ବନ୍ଧୁକ । ତେବେ ତାର ପ୍ରାଣ ନେବାକୁ କୁଣ୍ଠିତ ହେଲ କାହିଁକି ?

ସରଳା—ମୁଁ ଏକା ନୁହେଁ—କୁଣ୍ଠିତ ଅମ୍ଭ ନାରୀ ଜାତିଟା—ହତ୍ୟା ନୀତିକୁ ସହେନାହିଁ ପ୍ରଭୁ ! ହତ୍ୟାକାଣ୍ଡ ଯେ କେଡ଼େ ଭୟାବହ, କେଡ଼େ ପ୍ରାଣସ୍ପର୍ଶୀ ଯନ୍ତ୍ରଣା ! ନାରୀ ଜାତି ଏତେ ନିର୍ଦ୍ଦୟ ନୁହନ୍ତି—ନାରୀଜାତି ସନ୍ତାନଟିଏ ଜାତ କରେ—ସେ ଦଶ ମାସ ଗର୍ଭରେ ଧାରଣ କରି କି ମର୍ମଭେଦୀ ଯନ୍ତ୍ରଣା ଅନୁଭବ କରେ—ତାକୁ ଲାଳନ ପାଳନ କରି ବଢ଼ାଏ । ସେ ଯୁବକ ହୁଏ ଅବା ଯୁବତୀ ହୁଏ—ପୁଣି ଯେ ସେ ତାର ଉପଜାତ ନରନାରୀ ଗଳାରେ ଛୁରିକା ପ୍ରହାର କରି ଦଣ୍ଡକ ମଧ୍ୟରେ ଜୀବିତ ଶରୀରଟିକୁ ଧ୍ୱଂସ କରିବ—ଏତେ ନିଷ୍ଠୁର ଏତେ ନିର୍ଦ୍ଦୟ ନାରୀଜାତି ନୁହନ୍ତି ନାଥ !

ଅଜୟ—ଶେଷ କଥା ହେଲା କଣ ?

ସରଳା—ଶେଷ କଥା ଭଲ ହୋଇନାହିଁ । ଶେଷଫଳ—ମୁଁ ମୋର ସ୍ୱର୍ଣ୍ଣ ମୁଦ୍ରିକାଟି ହରାଇ ବସିଛି ।

ଅଜୟ—କିପରି ?

ସରଳା—ଆପଣ ଜାଣିଥିବେ—ସେ ମୋତେ ଦେଇଥିବା ପଚିଶଟି ରୌପ୍ୟ ମୁଦ୍ରା ପରିବର୍ତ୍ତେ ସ୍ୱର୍ଣ୍ଣ ମୁଦ୍ରିକା ପ୍ରଦାନ କଲି ।

କିନ୍ତୁ ଏତିକି ଭୁଲି ଯାଉଛୁ—ସ୍ୱର୍ଣ୍ଣ ମୁଦ୍ରା କାହିଁ ନ ଦେଇ ରତ୍ନହାରଟି ଦେଇଥିଲେ ଭଲ ହୋଇଥାନ୍ତା ।

ଅଜୟ—ଆଦୌ କିଛି ନ ଦେଇଥିଲେ କଣ ହୋଇଥାନ୍ତା ?

ସରଳ—ସେ ଜଣେ ଆମ୍ଭର ଗ୍ରାହକ—ତାର ଋଣ ଶୀଘ୍ର ପରିଶୋଧ ନ କଲେ ନିଜର ମର୍ଯ୍ୟାଦା ନଷ୍ଟ ହୋଇଥାନ୍ତା ।

ଅଜୟ—ଅଚ୍ଛା ହେଉ, ଯାହା ହେବାର ତ ହୋଇଯାଇଛି—ଆସ ।

( ଉଭୟେ ପ୍ରସ୍ଥାନ କଲେ )

ନିଭୃତ—(ଗାନ)

( ଦେଖିଲାଗି ଯା'ର କର୍ଣ୍ଣିଅଠେ ହିଆ—ବୃତ୍ତେ )

କୁଳୀନର ଝିଅ            କୁଳାଙ୍ଗାର ବଧୂ
କେବେ ନ ଛାଡ଼ିବ ଧନେ,
କର୍ପୂରଟି ଗଲେ            ଛିଣ୍ଡା କନା ଖଣ୍ଡି
ସୁଗନ୍ଧି ନ ଛାଡ଼େ କ୍ଷଣେ ।
ଠିକ୍ ସଣି କଂସା ପାତ୍ରେ ଭରିଦେଲେ,
ଯାଜ କଳା ରୂପ ଧରଇଟି ଭଲେ;
ଅସ୍ଥାୟୀ ଭଲିକି            ପାଲଟିଣ ଯାଏ
ଭସ୍ମେ ଘଷିଦେଲେ ଧନେ ।
ନାଗ ସାପ ଧନେ ପେଡ଼ିରେ ପଶଇ,
ନିଜର ଅଯୋଗ୍ୟ ପଣେ ସେ ଫସାଇ;
ପେଡ଼ିରୁ ବାହାରି            ସ୍ୱାଧୀନ ପାଇଲେ
କେଳାକୁ ସେ ଗୋଟେ ହାଣେ ।

## —ପଞ୍ଚମ ଦୃଶ୍ୟ —

( ସୁହାସବନ୍ଧାସ୍ତି ବାବୁ କୋଠା )

ସେନାପତି—ସୁହାସବନ୍ଧାସ୍ତି ବାବୁ ଅଛନ୍ତି ନା ?

ସୁହାସ—କିଏ, ସେନାପତି ବାବୁ ! ନମସ୍କାର ।

ସେନାପତି—ନମସ୍କାର ।

ସୁହାସ—କାହିଁକି ଏ ଗରିବ ପୁରକୁ ଆଗମନ କଲେ ?

ସେନାପତି—ମନେଥିବ—ମୁଁ ଦିନେ ଆପଣଙ୍କୁ କହିଥିଲି, ଆପଣ ମୋର ଗୋଟିଏ ମହତ ଉପକାର ସାଧନ କରିବେ ।

ସୁହାସ—ବିଷୟଟି କଣ ?

ସେନାପତି—ଆପଣ ଜାଣନ୍ତି ତ ସରଳା ବେଶ୍ୟା କଥା—ସେ ତ ବେଶ୍ୟା କନ୍ୟା କିନ୍ତୁ ନିଜେ ବେଶ୍ୟାବୃତ୍ତି କରେ କି ନା ମୁଁ ଜାଣେନାହିଁ । ଆପଣ ନିଶ୍ଚୟ ଜାଣିଥିବେ ।

ସୁହାସ—ଅମ୍ଭର ଏ ସହରଠାରୁ ଯେତେଗୁଡ଼ିଏ ବେଶ୍ୟା ଅଛନ୍ତି ମୁଁ ସମସ୍ତଙ୍କୁ ଜାଣେ—ସମସ୍ତଙ୍କଠାରେ ମୋର ପରିଚୟ ଅଛି । କିନ୍ତୁ ସରଳା ବେଶ୍ୟାବୃତ୍ତି କରେ କି ନା ମୁଁ ଜାଣେ ନାହିଁ ।

ସେନାପତି—ଆପଣ ଜାଣି ନଥିବେ—ସେ ପ୍ରକୃତରେ ଜଣେ ବେଶ୍ୟା କନ୍ୟା ଏବଂ ସେ ନିଜେ ମଧ୍ୟ ବେଶ୍ୟାବୃତ୍ତି କରେ । ଆପଣ ଶୁଣିନାହାନ୍ତି କି? ରାଜପୁରରେ ସେହି ସରଳା ପାଇଁ ଭୟଙ୍କର ଗୋଳମାଳ—ରାଜପୁତ୍ର ଅଜୟ ସେହି ସରଳା ପ୍ରେମରେ ପଡ଼ି ଦେଶ ତ୍ୟାଗ କରିବାକୁ ବସିଲେଣି ।

ରାମଦାସ—ତେବେ ମୋ ଦ୍ୱାରା କଣ ହେବ ?

ସେନାପତି—ସରଳା ରାଜାଙ୍କ ସମ୍ମୁଖରେ କିପରି ବେଶ୍ୟାରେ ପରିଣତ ହେବ ସେହିକଥା ମୁଁ ଭାବୁଛି । ଆପଣଙ୍କ ଦ୍ୱାରା ହୋଇ ପାରିବ ବୋଲି ମୋର ବିଶ୍ୱାସ ।

ରାମଦାସ—ମୁଁ ରାଜାଙ୍କ ଆଗରେ ଏହା କହିଦେଲେ କଣ ରାଜା ବିଶ୍ୱାସ କରିବେ ?

ସେନାପତି—ନାଁ, ସେଥିପାଇଁ କିଛି କୌଶଳ ଦରକାର—ଏହି ଦେଖ ସରଳାର ମୁଦ୍ରିକା—ଏହାକୁ ଯତ୍ନ କରି ରଖିଥାଅ । ଆଜି ମୁଁ ଆପଣଙ୍କୁ ରାଜନଅରକୁ ଡକାଇ ନେବ ଓ ରାଜା ଆପଣଙ୍କୁ ସରଳା ବେଶ୍ୟାକନ୍ୟା ବୋଲି ପ୍ରମାଣ ଦେବାକୁ ପଚାରିବେ । ଆପଣ ସରଳା ନିକଟକୁ ଯାଆନ୍ତି ବୋଲି ତା ପରଦିନ ଆପଣ ଏହି ମୁଦ୍ରିକା ସନ୍ତକଟି ରାଜାଙ୍କୁ ଦେଖାଇବେ । ଏହା ହେଲେ ରାଜାଙ୍କର ବିଶ୍ୱାସ ଜନ୍ମିବ । ମୋର ବିଦାୟ । ନମସ୍କାର ।

ରାମଦାସ—ନମସ୍କାର—ଅଚ୍ଛା ଯାଆନ୍ତୁ ।

## —ଷଷ୍ଠ ଦୃଶ୍ୟ—

ରାଜା—ସବୁବେଳେ ଅଜୟ ବିଷୟ ଭାବି ଭାବି ମୁଁ ଅସ୍ଥିର ହୋଇଗଲଣି । କଣ କରିବି—କି ଉପାୟରେ ଅଜୟକୁ ଶାସନ କରିବି ?

ସେନାପତି—ଆପଣ ରହାସବିହାରୀଙ୍କୁ ଡକାଇ ଅଣାନ୍ତୁ—ତାହାର ଦ୍ୱାରା ସରଳା ପ୍ରକୃତରେ ବେଶ୍ୟା କି ନା ପ୍ରମାଣ ମିଳିବ ।

ରାଜା—ଦୂତ ! ତୁମ୍ଭେ ଯାଇ ଶୀଘ୍ର ରହାସବିହାରୀଙ୍କୁ ଧେଇଆସ ।

ଦୂତ—ଯାଉଛି ମହାରାଜ !

ରାଜା—ସେନାପତି ! ରାଣୀ ଯେ ବର୍ତ୍ତମାନ ଅଜୟର ସପକ୍ଷ—ସେ ସରଳା ବେଶ୍ୟା କନ୍ୟା ନୁହେଁ ବୋଲି ପ୍ରମାଣ ଦେଖାଉଛନ୍ତି ।

ସେନାପତି—ତାହାତ ହେବାର କଥା—ଅଜୟ ତ କମ ବୁଦ୍ଧିମାନ୍ ନୁହେଁ । ସେ ଯେ ମହାଦେଈଙ୍କୁ ହାତ କରି ନେଇଛନ୍ତି—ତା ନ ହେଲେ ଯେ ରକ୍ଷା ନାହିଁ ।

ରହାସ—ପ୍ରଣାମ ମହାରାଜ ! ଅଧୀନକୁ ଡକାଇଲେ କାହିଁକି ?

ରାଜା—ରହାସ ! ତୁମ୍ଭେ କହି ପାରିବ କି ସରଳା ଜଣେ ବେଶ୍ୟାର କନ୍ୟା ଓ ସେ ବେଶ୍ୟାବୃତ୍ତି କରେ ବୋଲି—

ରହାସ—ସରଳା ନିଜେ ବେଶ୍ୟା—ମୁଁ ଅନେକଥର ତା ପୁରକୁ ଗମନ କରିଛି—ତାହା ସହିତ ମୋର ପ୍ରେମାଳାପ ହୋଇଛି ।

ରାଜା—ପ୍ରକୃତରେ ?

ରହାସ—ନିଶ୍ଚୟ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ରାଜା—ସେକଥା ନୁହେଁ—ତୁମ୍ଭେ ସେ ବେଶ୍ୟା ପୁରକୁ ଯାଇଛ କି ନାଁ ତାହାର ପ୍ରତ୍ୟକ୍ଷ ପ୍ରମାଣ ଦରକାର । ତୁମ୍ଭେ କାଲି ତା ପୁରକୁ ଯାଇ ଗୋଟିଏ ବିଶ୍ୱାସଯୋଗ୍ୟ ସନ୍ତାନ ଆଣି ମୋତେ ଦେଖାଇବ—ତେବେ ମୁଁ ଜାଣିବି ଯେ ତୁମ୍ଭେ ସରଳା ପୁରକୁ ଯାଇଥିଲ ଓ ତାହା ସହିତ ପ୍ରେମାଳାପ କରିଥିଲ ।

ରହାସ—ହଁ ତେବେ କାଲି ଆସିବି ।

( ପ୍ରସ୍ଥାନ )

—ସପ୍ତମ ଦୃଶ୍ୟ—

ରାଣୀ—କାନ୍ଦିଲେ ଆଉ କଣ ହେବ—ସେନାପତି ମୋର ସର୍ବନାଶ କରିବାକୁ ବସିଛି । ରାଜା ତ କିଛି ବୁଝିଲେ ନାହିଁ । ଉପାୟ କଣ ? ଉପାୟ ହେଉଛି—ଆତ୍ମହତ୍ୟା । ତା ନ ହେଲେ ସେନାପତି ଦ୍ୱାରା ଲାଞ୍ଛିତ ହୋଇ ପୁରକୁ ହରାଇବି— ଶେଷକୁ ରାଜ୍ୟ ବି ହରାଇବାକୁ ହେବ ।

ସିକନ୍ଦର—ମା ମା କାନ୍ଦୁଛ କାହିଁକି ?

ରାଣୀ—କଣ କରିବି ସିକନ୍ଦର ! ସେନାପତି ଯୋଗେ ଆମ୍ଭ ରାଜ୍ୟ ଧ୍ୱଂସ ହେବ । ଜ୍ୟେଷ୍ଠପୁତ୍ର ଅଜୟ ଆଉ ରାଜପୁରକୁ ଆସୁନାହିଁ । ତା ପ୍ରତି ରାଜାଙ୍କର ଭୀଷଣ ଆକ୍ରୋଶ । ସେ ପ୍ରାଣଭୟରେ ରାଜପୁର ତ୍ୟାଗ କଲାଣି । ପୁଣି ବି ଦେଶ ତ୍ୟାଗ କରିବ ।

ସିକନ୍ଦର—ପିତାଙ୍କର ଭାଇଙ୍କ ଉପରେ ଏତେ ରାଗ କାହିଁକି ?

ରାଣୀ—ଅଜୟ ସରଳ ଦେବୀଙ୍କୁ ସ୍ନେହ ଦେଖାଇବାରୁ ରାଜା ତାଙ୍କ ଉପରେ ବିରକ୍ତ । ସେନାପତି ରାଜାଙ୍କୁ ମନ୍ତ୍ରଣା ଦେଉଛନ୍ତି, ଯେ—ସରଳା ଜଣେ ବେଶ୍ୟା—ଅଜୟ ବେଶ୍ୟାପୁର ଗମନ କରୁଛି । ତାର ଚରିତ୍ର କଳଙ୍କିତ ହେଉଛି । ତେଣୁ ସେ ରାଜଗାଦି ପାଇବ ନାହିଁ । ସେହି କାରଣରୁ ଅଜୟ ରାଜପୁର ତ୍ୟାଗ କଲାଣି ।

ସିକନ୍ଦର—ମା, ସେନାପତି ପାଇଁ ଯଦି ଆମ୍ଭର ଏତେ ଅନିଷ୍ଟ—ତେବେ ତାକୁ ଆମ୍ଭ ଗଡ଼ରୁ ତଡ଼ି ଦେଲେ କଣ ହେବ ?

ରାଣୀ—ବାବାରେ ବାବା ! ସେନାପତି ଯେ ରାଜାଙ୍କର ବରପୁତ୍ର ! ସେ ତାକୁ ଛାଡ଼ିବେ କିପରି ? ସେନାପତିର ଦୁର୍ନାମ ଯଦି ରାଜା ଶୁଣନ୍ତି ତେବେ ସେ ମର୍ମାହତ ହୁଅନ୍ତି । ସେ କଥା ତାଙ୍କୁ କହିବ କିଏ ? ଅଜୟକୁ ବରଂ ତ୍ୟାଗ କରିବେ କିନ୍ତୁ ସେନାପତିକୁ ତ୍ୟାଗ କରି ପାରିବେ ନାହିଁ ।

ସିକନ୍ଦର—ମା' ମୁଁ ପିତାଙ୍କୁ କହିବି ସେ ସେନାପତିଙ୍କୁ ବାହାର କରି ଦିଅନ୍ତୁ ।

( ରାଜାଙ୍କର ପ୍ରବେଶ )

ରାଜା—ଯେଉଁ ସ୍ଥାନରେ ଶୁଣୁଛି ସେନାପତି କଥା । ସେନାପତି କାହାର କଣ ଅନିଷ୍ଟ କରୁଛି ? ତା ବିରୁଦ୍ଧରେ ମନ୍ତ୍ରଣା କରିବା ଯେ—ରାଜ୍ୟକୁ ଶତ୍ରୁ ହସ୍ତରେ ଅର୍ପଣ କରିବା ! ଏକଥା ଶତ୍ରୁ କାନକୁ ଗଲେ ସେ ସେନାପତିର ସହଯୋଗରେ ରାଜ୍ୟ ଦଖଲ କରିବ । ଲୁମ୍ବଦନୀ ! ତୁମ୍ଭେ

କାହିଁକି ସେନାପତି ସନ୍ଧ୍ୟାରେ ଉଠୁଛ ? ନିଜର ଦୋଷ ସଂଶୋଧନ କରୁନାହିଁ—ଗୁଡ଼ାଏ ପରଦୋଷ ଦେଖି ବୁଲୁଛ । ଏହାକି ଉଚିତ ବୋଲି ମନେ କରୁଛ ?

ସିକନ୍ଦର—ପିତା ! ସେନାପତି ଆମ୍ଭ ରାଜ୍ୟରୁ ବାହାରିଗଲେ କ୍ଷତି କଣ ?

ରାଜା—ବଡ଼ ଆଶ୍ଚର୍ଯ୍ୟ କଥା ! ତୁମ୍ଭେ ପିଲାଲୋକ—କଣ ବୁଝିଛ ଯେ ସେନାପତିଙ୍କୁ ବାହାର କରି ଦେବାକୁ କହୁଛ ? ସେନାପତି ବାହାରିଗଲେ ରାଜ୍ୟ କିଏ ସମ୍ଭାଳିବ ?

ସିକନ୍ଦର—ଅଜୟ ଭାଇଙ୍କଠାରୁ ସେନାପତି କଣ ବେଶି କ୍ଷମତା-ଶୀଳ ? ଅଜୟଭାଇ କଣ ରାଜ୍ୟ ରକ୍ଷା କରି ପାରିବେ ନାହିଁ ?

ରାଜା—ହଁ ଅଜୟ ସମର ନିପୁଣ—କିନ୍ତୁ ଚରିତ୍ରହୀନ ହୋଇ ସର୍ବ-ନାଶ ହୋଇଛି ।

ସିକନ୍ଦର—ଭାଇ କିପରି ଚରିତ୍ରହୀନ ହୋଇଛନ୍ତି ?

ରାଜା—ସେ ପରା ବେଶ୍ୟା ପ୍ରେମରେ ଅନୁରକ୍ତ ।

ସିକନ୍ଦର—କେଉଁ ବେଶ୍ୟା ପ୍ରେମରେ ଭାଇ ଅନୁରକ୍ତ ?

ରାଜା—ସେ ବେଶ୍ୟା—ସରଳା ପ୍ରେମରେ ଅନୁରକ୍ତ । ମୁଁ ଯେତେ ବୁଝାଇଲି ସେ ମାନିଲା ନାହିଁ ।

ସିକନ୍ଦର—ଆପଣ ଠିକ୍‌ଏ ଭାବି ଦେଖନ୍ତୁ । ପ୍ରକୃତରେ ସରଳା ବେଶ୍ୟା ନୁହେଁ । ସେନାପତି ଭାରି କୁଟିଳ ପ୍ରକୃତିର ଲୋକ । ସେ ମିଥ୍ୟା କଥାରେ ଆପଣଙ୍କୁ ଭୁଲାଉଛନ୍ତି । ଆପଣ ସାବଧାନ

ହୁଅନ୍ତୁ । ସେନାପତିଙ୍କୁ ଶୀଘ୍ର ତ୍ୟାଗ କରନ୍ତୁ—ଅଜୟ ଭାଇଙ୍କୁ ତ୍ୟାଗ କରନ୍ତୁନା ପିତା !

ରାଜା—ଚୁପ୍ କର ସିକନ୍ଦର ! ତୁ ସାମାନ୍ୟ ପିଲ—ତୋର ଏତେ ସାହସ ଯେ, ବହୁ କ୍ଷମତାଶୀଲ ସମରକୌଶଳୀ ସେନାପତି ବିରୁଦ୍ଧରେ ଠିଆ ହେଉଛୁ । ଯାଅ—ମୋ ସମ୍ମୁଖରୁ ଅନ୍ତର ହୁଅ !

ସିକନ୍ଦର—ପିତଃ ! ଆପଣ ମାତାଲ ହୋଇଛନ୍ତି—ମାତାଲ ସେନାପତି ବୁଦ୍ଧିରେ ଅଜୟ ଭାଇଙ୍କୁ ତ୍ୟାଗ କରୁଛନ୍ତି—ଏହାର ଫଳ ବିଷମୟ—ସାବଧାନ ଥାନ୍ତୁ ପିତା ! ସେନାପତିର ମୃତ୍ୟୁ ଖୁବ୍ ନିକଟରେ । ନଚେତ୍ ରାଜ୍ୟ ହସ୍ତାନ୍ତର ହେବା ସୁନିଶ୍ଚିତ ।

ରାଜା—ଯାଅ, ଯାଅ ସିକନ୍ଦର—ତୁମ୍ଭେ ସାମାନ୍ୟ ପିଲା । ତୁମ୍ଭେ କଦାପି ସେନାପତି ବିରୁଦ୍ଧରେ ଠିଆ ହୋଇ ପାରିବ ନାହିଁ । ତାହାହେଲେ ତୁମ୍ଭେ ବନ୍ଦୀ—

ସିକନ୍ଦର—ସେନାପତି ପାଇଁ ବନ୍ଦୀ—ବନ୍ଦୀକୁ ଭୟ ନାହିଁ ପିତା ! ଆପଣ ମୋତେ ବନ୍ଦୀ କରି ପାରିବେ ନାହିଁ—ଆପଣ ଯେ ସେନାପତି ବୁଦ୍ଧିରେ ବନ୍ଦୀ । ଆପଣଙ୍କର କି କ୍ଷମତା ଅଛି ? ଆପଣ ନାମକୁ ମାତ୍ର ରାଜା, ସେନାପତି ଯେ ସମସ୍ତ କ୍ଷମତା ହସ୍ତଗତ କଲେଣି—ଆପଣ ଶୀଘ୍ର ରାଜଗାଦି ତ୍ୟାଗ କରନ୍ତୁ—ଅଜୟ ଭାଇ ରାଜା ହୁଅନ୍ତୁ !

ରାଜା—ଅଜୟ ସେ ଦାବୀ ରଖିନାହିଁ—ସେ ରାଜଦ୍ରୋହୀ, ତୁମ୍ଭେ କି

ସିଂହାସନ ପାଇବ । ସେତେବେଳେ ତୋର ସ୍ଥାନ କେଉଁଠି ? ମୃତ୍ୟୁ କବଳରେ ।

ସେନାପତି—ବୁଝି ପାରୁନାହାନ୍ତି । ମୁଁ ତ ଆପଣଙ୍କର ପୁତ୍ରର ଅମଙ୍ଗଳ କାମନା କରୁନାହିଁ—ରାଜ୍ୟର ଶ୍ରୀବୃଦ୍ଧି ସାଧନ ପାଇଁ ଯତ୍ନ କରୁଅଛି । ଆପଣ ମୋତେ ଏପରି ଭାବୁଛନ୍ତି କାହିଁକି ?

ରାଣୀ—କଦାପି ତାହା ମୋର ବିଶ୍ୱାସ ନୁହେଁ । ବିଶ୍ୱାସଘାତକ ସେନାପତି ! ତୁମ୍ଭେ ଆମ୍ଭ ରାଜ୍ୟରୁ ଶୀଘ୍ର ଅନ୍ତର ହେବା ଉଚିତ ।

ରାଜା—ରାଣି ! ଶୀଘ୍ର ଦରବାରରୁ ଅନ୍ତର ହୁଅ । ନାରୀ ହୋଇ ଏତେ ଗର୍ବରେ କଥା କୁହନାହିଁ । ନୃପତିର ସମ୍ମୁଖରେ ସେନାପତିଙ୍କୁ ଯେଉଁ ତିରସ୍କାର କରୁଛ—ତାହା ସୀମା ଲଙ୍ଘନ କରି ଯାଉଛି । ସେଥିପାଇଁ ତୁମ୍ଭଙ୍କୁ ଉଚିତ ଦଣ୍ଡ ଦେବା ଦରକାର ।

ରାଣୀ—କେଉଁ ଦଣ୍ଡକୁ ଆଉ ଭୟ ଅଛି ? ଅଛି କେବଳ ସରଳ ପ୍ରାଣ ବିନାଶକୁ ଭୟ—ଭୟ ଅଛି ପୁତ୍ରଙ୍କର ବନ୍ଦୀ ହେବାକୁ ।

ରାଜା—ରାଜ୍ୟରକ୍ଷା ପାଇଁ କୋଟି କୋଟି ପ୍ରାଣୀର ପ୍ରାଣବଳି ଦିଆ-ଯାଉଛି । ଯଦି ସରଳ ପାଇଁ ଏତେ ବଡ଼ ରାଜ୍ୟଟାରେ ବିଭ୍ରାଟ ଉଠିବାର ବିଶ୍ୱାସ—ତେବେ ତାହାର ପ୍ରାଣ ବିନାଶ କଲେ କ୍ଷତି କଣ ? ଯାଅ—ମୋ ସମ୍ମୁଖରୁ ଅନ୍ତର ହୁଅ ।

( ରାଣୀର ପ୍ରସ୍ଥାନ ଓ ଚରର ପ୍ରବେଶ )

ରାଜା—ଚର ! ଯାଅ, ପୁତ୍ର ଅଜୟ ଓ ସିକନ୍ଦରଙ୍କୁ ଘେନିଆସ ।

## —ଚତୁର୍ଥ ଦୃଶ୍ୟ—

( ବନ )

( ସରଳା ପୁରୁଷ ବେଶରେ ରାଜପୁତ୍ର ସଙ୍ଗେ ଭ୍ରମଣ କରୁଥିଲେ )

ଅଜୟ—ସରଳା ! ତୁମ୍ଭେ ତ ସାମରିକ ବିଦ୍ୟାରେ ବେଶ୍ ନିପୁଣତା ଲାଭ କରି ପାରିଛ ? ନାରୀ ସମାଜରେ ଜନ୍ମି, ଏପରି ବିଦ୍ୟା କି ଉଦ୍ଦେଶ୍ୟରେ ସାଧନ କଲ ?

ସରଳା—ନାରୀ ଜାତି ସବୁ ବିଦ୍ୟା ସାଧନ କରିବା ଉଚିତ । ତାହା ନ ହେବାରୁ ଆମ୍ଭ ଦେଶ କ୍ରମେ ନିସ୍ତେଜ ହୋଇ ପଡୁଛି ॥ ଭାରତରେ ବୀରନାରୀ ଖୁବ୍ କମ୍—ତେଣୁ ଭାରତର ସନ୍ତାନ ବୀର ନୁହନ୍ତି । ଦେଖୁ ନାହାନ୍ତି—ଏ ଦେଶର ଗତି କେଉଁ ଆଡ଼କୁ ? ବିଦେଶୀର ଶୋଷଣ ନୀତିରେ ଆମ ଭାରତ ଶୁଷ୍କ—ଦୁର୍ବଳ ।

ଅଜୟ—ତୁମର କେଉଁ ଦିନ ଏ ସାମରିକ ବିଦ୍ୟା ଆଡ଼କୁ ମନ ଗଲା ?

ସରଳା—ଯେଉଁ ଦିନ ନିଷ୍ଠୁର ସେନାପତି ମୋର ପିତାଙ୍କୁ ଯୁଦ୍ଧରେ ପରାସ୍ତ କଲା—ନିଷ୍ଠୁରଭାବେ ମୋ ପିତାଙ୍କୁ ବିନାଶ କଲା— ସେହିଦିନ ଭାବିଲି—ବୀରର ବୀରତ୍ୱ ତାହାର ଜୀବନର ଅଧିକାରୀ—ତାର ଦୟାରୁ ପ୍ରାଣୀ ମୃତ୍ୟୁ କବଳରୁ ରକ୍ଷା ପାଇବ । ସେହିଦିନଠାରୁ ମୁଁ ବୀର ହେବି ବୋଲି ସାମରିକ ବିଦ୍ୟା ସାଧନ କରିଛି । ପ୍ରତିଜ୍ଞା କରିଛି ଏବଂ ଛଦ୍ମ ବେଶରେ ଆପଣଙ୍କ ସଙ୍ଗୀଟିଏ

ରହିଛି—ଯେଉଁଦିନ ମୋର ପିତୃଅରି ସେନାପତିକୁ ବିନାଶ କରିବି ସେହିଦିନ ମୋର ଅଭିଳାଷ ପୂର୍ଣ୍ଣ ହେବ ।

( ସିକନ୍ଦରକୁ ବନ୍ଦୀ କରି ରାଜଚରମାନେ ପ୍ରବେଶ କଲେ )

ସିପାହୀ—ମହାରାଜାଙ୍କର ଆଦେଶ ଦେଖନ୍ତୁ । ଆମକୁ ଆପଣଙ୍କର ଗ୍ରେପ୍ତାର ଆଦେଶ ହୋଇଛି । ବର୍ତ୍ତମାନ ଆପଣ ବନ୍ଦୀ ହେବେ ।

ଯୁବରାଜ—ସିପାହୀମାନେ ! ମୁଁ ରାଜାଙ୍କର ଆଦେଶ ମାନିବାକୁ କୁଣ୍ଠିତ ନୁହେଁ । ଯାହା ଆଦେଶ ହୋଇଛି ତାହା କରିବାକୁ ତୁମ୍ଭେ ବାଧ୍ୟ । ଅତଏବ ତାହା ପାଳନ କରଯାଅ ।

( ଯୁବରାଜଙ୍କୁ ବନ୍ଦୀକରି ରାଜଗଡ଼କୁ ନେଇଆସିବା )

ସରଳା—ମୁଁ ଯାଉଛି ରାଜପୁରକୁ—ଯୁବରାଜଙ୍କୁ ତ ଦଣ୍ଡ ଦେଉଛନ୍ତି ମନ ବଳୁନାହିଁ । ଯାଉଛି ରାଜଦ୍ରୋହ କାର୍ଯ୍ୟ କରି ବନ୍ଦୀଦଣ୍ଡ ଭୋଗ କରିବ । ତାହାହେଲେ ଅଜୟଙ୍କର ମୋର ବାଞ୍ଛିତ ଯୋଗ ବନସ୍ଥ ହେବ ।

( ପ୍ରସ୍ଥାନ )

( ରାଜା ଓ ସେନାପତିର ପ୍ରବେଶ )

ରାଜା—ସେନାପତି ! ସାବଧାନ ଅଛ ତ ? ଯେଉଁଠାରେ ଯୁବରାଜ ପୁର୍ଣ୍ଣ ବିଦ୍ରୋହାଚରଣ କରନ୍ତି—ଯେଉଁଠାରେ ପିତା ପୁତ୍ରଙ୍କ ମଧ୍ୟରେ ଘୋର ଆନ୍ଦୋଳନ ଉପସ୍ଥିତ ହୋଇଛନ୍ତି—ସେ ସ୍ଥାନରେ ଯୁଦ୍ଧ ହେବା ସ୍ୱାଭାବିକ । କାରଣ ଶତ୍ରୁଦଳର ଲୋକମାନେ ଓ ବଣିକ ଦଳର ସେନାପତି କାଣ୍ଟସ୍ ବିଦ୍ରୋହୀମାନଙ୍କ ସାହାଯ୍ୟରେ ରାଜ୍ୟ ଆକ୍ରମଣ କରି ପାରନ୍ତି । ଅତି ସାବଧାନତାସହ ବିଶାଳ ସୈନ୍ୟବାହିନୀ ସୁସଜ୍ଜିତ କରି ସତର୍କ ରହିବା ଆବଶ୍ୟକ ।

ସେନାପତି—ତାହା ଯେ ମୋର ସଦା ଚିନ୍ତାର ବିଷୟ । ଅଦ୍ଭୁତ କୌଶଳ ଉଦ୍ଭାବନ କରି ବାରୁଦ ପ୍ରଭାବରେ ସାରା ଭାରତକୁ ହସ୍ତଗତ କରିବି । ଅବିରଳ ତାହା ମୋର ଚିନ୍ତା ।। ବର୍ତ୍ତମାନ ଆପଣଙ୍କର ସେ ବେଳ ଆସିନାହିଁ—ଶତ୍ରୁମାନଙ୍କଦ୍ୱାରା ଆକ୍ରାନ୍ତ ହୋଇ ଆପଣ ରାଜ୍ୟଚ୍ୟୁତ ହେବେ । ଯେତେଦିନ ଆପଣଙ୍କର ରାଜ୍ୟରେ ଏହି କ୍ଷମତାଶୀଳ ବୀରସିଂହ ସେନାପତିକୁ ଗ୍ରହଣ କରିଥିବ—ସେତେଦିନ ପର୍ଯ୍ୟନ୍ତ କି ବୈଦେଶିକ, କି ପ୍ରାଦେଶିକ ଶତ୍ରୁ, କନୌଜ ବିରୁଦ୍ଧରେ ଆକ୍ରମଣ ଚଳାଇବେ—ତାହା ଏକାବେଳକେ ଅସମ୍ଭବ ଯାହା ଥିଲା—ବିଦ୍ରୋହାଗ୍ନିର ଶୈଶବ ଶିଖା—ତାହା ସେ ଆଜି କଠୋର ଶାସନରେ ରଶ୍ମିକଣା ଶୂନ୍ୟ ହେଲା—

ଦେହ ବଡ଼ ଅସୁସ୍ଥ, ମୁ କବାଟ ଖୋଲି ପାରିବ ନାହିଁ । ଆପଣ ଫେରି ଯାଆନ୍ତୁ । ଆଜସ୍ମବାବୁ ଫେରିଗଲେ ।

ରାଜା—ତା'ପରେ କଣ ହେଲା ?

ରହାସ—ତା'ପରେ ଯଥେଷ୍ଟ ପରିମାଣରେ ମଦ ବ୍ୟବହାର କରିଗଲି—ଅତିରିକ୍ତ ମାଦକଦ୍ରବ୍ୟ ସେବନ ଦ୍ୱାରା ସରଳା ଦେବୀ ଚେତା ଶୂନ୍ୟ ହେବାକୁ ଲାଗିଲେ । ଏହି ଅବକାଶରେ ମୁଁ ତାଙ୍କର ଅଙ୍ଗୁଷ୍ଠିସ୍ଥ ମୁଦ୍ରିକାଟି ହସ୍ତଗତ କଲି । କେତେକ ସମୟ ପରେ ସରଳା ଦେବୀଙ୍କର ଚେତନା ଉପସ୍ଥିତ ହେଲା । ମୁଁ ବିଦାୟ ନେଇ ପ୍ରସ୍ଥାନ କଲି ।

ରାଜା—ଧନ୍ୟ ତୁମ୍ଭର ବୁଦ୍ଧି ରହାସବିହାରୀ ! ତୁମ୍ଭ କଥାରୁ ମୁଁ ଠିକ୍ ବୁଝି ପାରୁଛି ସରଳା ପ୍ରକୃତ ବେଶ୍ୟା—ଆଚ୍ଛା ତୁମ୍ଭେ ବିଦାୟ ନିଅ । ମୁଁ ସେନାପତିଙ୍କ ସହିତ ସାକ୍ଷାତ କରେଁ ।

( ସମସ୍ତଙ୍କର ପ୍ରସ୍ଥାନ )

(୦)

## —ତୃତୀୟ ଦୃଶ୍ୟ—

( ସେନାପତି ଓ ରାଜାଙ୍କର ପ୍ରବେଶ )

ରାଜା—ସେନାପତି ! ମୁଁ ଠିକ୍ ବୁଝିଲି—ସରଳା ପ୍ରକୃତରେ ଜଣେ ବେଶ୍ୟା । ଅଜୟ ବେଶ୍ୟା ପ୍ରେମରେ ଭୋର—ଉପାୟ କଣ ?

ସେନାପତି—ଆଉ ସେ ଅଜୟ ଆପଣଙ୍କର ନୁହେଁ—ଯିଏକି ଭରବ ଅଜୟ ବୁଦ୍ଧିରେ ପାଗଳ । ମୁଁ ତ କିଛି ଉପାୟ ଭାବି ପାରୁ-



୬

ନାହିଁ । ତେବେ, ଏକମାତ୍ର ଉପାୟ—ପୁତ୍ର ଦୁହିଙ୍କୁ ବନ୍ଦୀ କରାଯାଇ, ସରଳାକୁ ହତ୍ୟା କରାଯାଉ । ନଚେତ୍ ରାଜ୍ୟରୁ ତଡି ଦିଆଯାଉ ।

( ରାଣୀ ପ୍ରବେଶ କଲେ )

ରାଣୀ—ଏ କି ପରାମର୍ଶ ସେନାପତି ! ସରଳାକୁ ହତ୍ୟା କରିବା କ୍ଷମତା କାହା ହାତରେ ଅଛି ? ତାହା କଦାପି କରି ପାରିବ ନାହିଁ । ସେ ମୋର ଭାବୀପୁତ୍ରବଧୂ । ନିଷ୍ଠୁର ସେନାପତି ! ତୁ ଦ୍ରବ୍ୟଅର୍କ—ରାଜାଙ୍କୁ ଯେଉଁ ବୃଥା ପ୍ରଲୋଭନ ଦେଖାଇ ଅମ୍ଭ ରାଜ୍ୟଟିକୁ ଧ୍ୱଂସ ଆଡ଼କୁ ନେଇ ଯାଉଛୁ, ସେଥିରେ ତୋର ଜୀବନଟି ଦୁଃଖମୟ ହେବ—ତୁ ଯେଉଁ ଅଦ୍ଭୁତ ବ୍ୟୂହ ରଚନା କରି ରାଜାଙ୍କୁ କରଗତ କରିଛୁ; ତାହା ଦିନେ ଜଣା ପଡ଼ିଯିବ । ରେ ପିଶାଚ ! ତୋର ଏ କୁଟିଳତା ବର୍ଜନ କର । ତା ନୋହିଲେ ଦୈବ ଚକ୍ର ତୋ ମସ୍ତକରେ ପତିତ ହେବ ।

ରାଜା—ରାଣି ! ତୁମ୍ଭଙ୍କୁ କହିଥିଲି—ପୁତ୍ରର ସଂଶୋଧନ ନୀତିରେ ତୁମ୍ଭେ ବାଧା ଦେବନାହିଁ । କାହିଁକି ଏପରି ଅସଙ୍ଗତ ବାକ୍ୟ ପ୍ରୟୋଗ କରୁଛ ?

ରାଣୀ—ହଁ, ତୁମ୍ଭେ ଯେଉଁ ଦମନ ନୀତି ଅବଲମ୍ବନ କରିଛ ସେଥିରେ ନିଜେ ଶାସିତ ହେବ । ସେନାପତି ! ଅନେକ ରାଜାଙ୍କୁ ତୁ ଏହିପରି କୁପରାମର୍ଶ ଦେଇ ପଦଚ୍ୟୁତ କରାଇଛୁ । କିନ୍ତୁ ଏଇଟା ଯେ ତୋର ଶେଷ ଚେଷ୍ଟା । ଜାଣିଥାଅ—ସରଳା ଦେବୀ ନିଶ୍ଚୟ ମୋର ପୁତ୍ରବଧୂ ହେବ । ଅଭୟ ନିଶ୍ଚୟ

ଏହି ଦେଖନ୍ତୁ--ସେହି ଯୁବରାଜ ସିପାହୀମାନଙ୍କ କର୍ତ୍ତୃକ ଗିରଫ୍ ହୋଇ ଆସୁଛନ୍ତି ।

( ଯୁବରାଜ ସିପାହୀମାନଙ୍କ ଦ୍ୱାରା ବନ୍ଦୀ ହୋଇ ପ୍ରବେଶ )

ରାଜା—ତୁମକୁ ବହୁବାର ସାବଧାନ କରିଛି ଅଜୟ ! ରାଜଦ୍ରୋହୀ ଦୋଷରୁ ଆଜି ତୁମ୍ଭେ ବନ୍ଦୀ । ସିକନ୍ଦର ମଧ୍ୟ ଭ୍ରାତୃ ପ୍ରେମରେ ବନ୍ଦୀ ଦଣ୍ଡ ଭୋଗ କରିବ ।

ସିକନ୍ଦର—ପିତା ! ରାଜଦ୍ରୋହୀ କିଏ ?

ସେନାପତି—ତୁମ୍ଭେମାନେ ।

ସିକନ୍ଦର—ଚୁପ୍‌କର ସେନାପତି ! ତୁମ୍ଭଙ୍କୁ ଆମର କିଛି ପଚାରିବାର ନାହିଁ । ଆମ୍ଭେ ରାଜାଙ୍କଠାରୁ ଯାହା ଉତ୍ତର ସଂଗ୍ରହ କରିବାର କରୁଛୁଁ । ତୁମ୍ଭେ ଆପେ ଆପେ କାହିଁକି ଆମ୍ଭ ସଙ୍ଗେ ପ୍ରତିବାଦ କରୁଛ ? ଜାଣନାହିଁ—ଆମ୍ଭେ ରାଜପୁତ—ଜାଣନାହିଁ ଆମ୍ଭେ କନୌଜ ରାଜଗାଦୀର ଉତ୍ତରାଧିକାରୀ ? ତୁମ୍ଭେ ଆମ୍ଭର ଜଣେ ଭୃତ୍ୟ—ଚାକର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି ରାଜପୁତମାନଙ୍କର ଶତ୍ରୁ ରୂପେ ଦଣ୍ଡାୟମାନ ? ବାରମ୍ବାର ସତର୍କ କରୁଛୁଁ, ତୁମ୍ଭେ କନୌଜ ତ୍ୟାଗ କରି ପଳାୟନ କର । ଜାଣନାହିଁ ଆମ୍ଭେ ରାଜବୀର୍ଯ୍ୟରୁ ଜନ୍ମ ? ଏପରି ଅସଙ୍ଗତ କଥା ପୁନର୍ବାର ପ୍ରକାଶ କରିବ ନାହିଁ । କରିପାର—ରାଜାଙ୍କଠାରେ ଖୋସାମତି ।

ରାଜା—ଅଜୟ ! ତୁମ୍ଭର ସେ ବଦଭ୍ୟାସ ଏବେ ତ୍ୟାଗ କରିବ ନା ? ତୁମ୍ଭେ ସରଳାକୁ ବର୍ଜନ କରିବ କି ନା ?

ଅଜୟ—ସରଳାକୁ ମୁଁ ଦଣ୍ଡେମାତ୍ର ବର୍ଜନ କରି ରହି ପାରିବ ନାହିଁ ।

ରାଜା—କଣ ? ତୁମ୍ଭେ ସରଳାକୁ ବର୍ଜନ କରି ରହି ପାରିବ ନାହିଁ ?

ଅଜୟ—ନା, ତାହା କଦାପି ହୋଇ ପାରିବ ନାହିଁ ।

ରାଜା—କିପରି ? ତୁମ୍ଭେ ଯେ ଆଜିଠାରୁ ବନ୍ଦୀ ହେବ । ତେବେ ସରଳାକୁ ପାଇବ କିପରି ?

ଅଜୟ—ବିଶ୍ୱାସ ନୁହଁଇ ପିତା !—
ସରଳା ଅଜୟର ବିଚ୍ଛେଦ ।
କିନ୍ତୁ ଜାଣିଥିବେ—
ଚନ୍ଦ୍ର କୁମୁଦିନୀର
ବହୁଦୂରୁ ପ୍ରେମର ଆଦାନ ପ୍ରଦାନ ।
ସରଳା ସହିତ—
ହୋଇଅଛି ଯେଉଁ ପ୍ରେମ ନିବନ୍ଧନ,
ହୋଇଅଛି ଯେଉଁ କଠିନ ଶପଥ;
ଶକ୍ତି ଅଛି କା'ର
କରିବ ସେ ସୁଦୃଢ଼ ରଜ୍ଜୁ ବିଚ୍ଛେଦନ ।
ଜାଣିଥିବେ ପିତା !
ଶୁଣିଥିବେ ପୁରାଣରୁ ରାଧା କୃଷ୍ଣ କଥା;
ହୋଇଥିଲା ଗୋପପୁରେ ବହୁତ ବିଦ୍ରୋହ
କରିବାକୁ ରାଧା କୃଷ୍ଣଙ୍କ ବିଚ୍ଛେଦ ।
କରିଥିଲେ ବହୁବାର ଚେଷ୍ଟା—
କିନ୍ତୁ ଶେଷେ—
ହେଲେ କୃଷ୍ଣ ରାଧାଙ୍କର,
ତଥା—

କୃଷ୍ଣଙ୍କର ଗାଥା ।
ପୁଣି ଏକ କଥା ପିତଃ !
ହେଉନ୍ତୁ ମନରେ—
ଅତ୍ୟାଚାରୀ ସେନାପତି ପରାମର୍ଶେ
ଯଦିଚ ଇଚ୍ଛନ୍ତି ମୋର ଜୀବନ ସଂହାର
କିମ୍ବା ସରଳା ଦେବୀର;
ନ ପାରିବେ ତାହା
ଶଙ୍କର କରୁଅଛନ୍ତି ମୁହିଁ ।
ହିରଣ୍ୟ କଶିପୁ ପରି ଧ୍ୱଂସ ହେବେ ନିଜେ ।
ଶୁଣିଥିବେ ନୃସିଂହ ପୁରାଣ,
ହିରଣ୍ୟ କଶିପୁ ଥିଲା ମହା ଅତ୍ୟାଚାରୀ—
କରିଥିଲା ଅଶେଷ କୌଶଳ
ବଧିବାକୁ ପୁତ୍ରର ପରାଣ ।
ହୋଇଲା କି ସେ କୃତକାର୍ଯ୍ୟ ?
ପଚାରିବେ ସେନାପତିଙ୍କୁ ଏ କଥା ।

ରାଜା—ସିକନ୍ଦର ! ତୁମ୍ଭେ ତୁମ୍ଭ ଭାଇଙ୍କ ସଙ୍ଗ ତ୍ୟାଗ କରି ପାରିବ କି ? ଦୁଷ୍ଟଜନ ଭ୍ରାତୃ ସଙ୍ଗ ତ୍ୟାଗ କଲେ ତୁମ୍ଭର ଭବିଷ୍ୟତ ଜୀବନ ମଙ୍ଗଳମୟ ହେବ—ତୁମ୍ଭଙ୍କୁ ବର୍ତ୍ତମାନ ବନ୍ଦୀମୁକ୍ତ କରାଯିବ ।

ସିକନ୍ଦର—ଭ୍ରାତୃପ୍ରେମଠାରୁ ବଳି ଆଉ କି ସୁଖ ଅଛି ସଂସାରରେ ? ଭାଇ ପାଇଁ ପ୍ରାଣ ଦେଲେ କି ଅନିଷ୍ଟ ହେବ ? ଜାଣିଥିବେ ସୌମିତ୍ରୀର କଥା—ଭାଇର ବିପଦ ସମୟରେ ସେ କି

ସାହାଯ୍ୟ କର ନାହିଁ ? ମୁଁ ଅବା କଣ କରନ୍ତି ? ଯାର ମୋର ବନ୍ଦୀ ହେବେ, ମୁଁ ହେବ ମୁକ୍ତ—ଯାର ମୋର ପ୍ରାଣ ଦେବେ, ମୁଁ ଥିବ ଜୀବନ୍ତ ? ବଡ଼ ଅସମ୍ଭବ ବାକ୍ୟ ଉଚ୍ଚାରଣ କରୁଛନ୍ତି ପିତଃ !

ରାଜା—ତେବେ ସିପାହୀମାନେ ! ଏ ଦୁଇଜଣଙ୍କୁ ବନ୍ଦୀକର । ଏମାନଙ୍କର ଦୁଇମାସ ବନ୍ଦୀକାଳ ଭୋଗ ହେବ ।

( ପ୍ରସ୍ଥାନ )

## —ପଞ୍ଚମ ଦୃଶ୍ୟ—

(ସରଳା ପୁରୁଷ ବେଶରେ ରାଜଗଡ଼ ସମ୍ମୁଖେ ଦଣ୍ଡାୟମାନ)

ପ୍ରହରୀ—ମହାରାଜ ! ଗଡ଼ଦ୍ୱାରରେ ଏକ ବୀର ଯୁବକ ଆପଣଙ୍କ ସାକ୍ଷାତ ଲୋଡ଼ୁଛନ୍ତି ।

ରାଜା—ତାଙ୍କ ଘର କେଉଁ ସ୍ଥାନରେ ?

ସିପାହୀ—ସେ କହୁଛନ୍ତି ଯେ—ସେ ଜୟପୁର ରାଜାଙ୍କ କନିଷ୍ଠ ପୁତ୍ର ! ସରଳା ଦେବୀର ଯମଜ ଭ୍ରାତ ।

ରାଜା—ତେବେ ତାଙ୍କୁ ଆସିବାକୁ ଅନୁମତ ଦଅ ।

( ପୁରୁଷବେଶୀ ସରଳା ପ୍ରବେଶ )

ପୁଃ ସରଳା—ନମସ୍କାର ନୃପବର !

ରାଜା—ତୁମ୍ଭ ପରିଚୟ ଯୁବକ ?

ପୁଃ ସରଳା—ମୁଁ ସରଳା ଦେବୀଙ୍କର ଭ୍ରାତା ।

ରାଜା—କେଉଁ ଉଦ୍ଦେଶ୍ୟରେ ମୋର ସାନ୍ନିଧ ଲୋଡ଼ୁଛ ?

ପୁଃ ସରଳା—ମୁଁ ଆସିଛି—କେତେଗୁଡ଼ିଏ ଆପତ୍ତି କରିବାକୁ । ତାହା ରକ୍ଷଣାର୍ଥେ ଆପଣଙ୍କୁ ଅନୁରୋଧ କରୁଛି ।

ରାଜା—କଣ ତୁମ୍ଭର ଆପତ୍ତି ? ଶୀଘ୍ର ପ୍ରକାଶ କର ।

ପୁଃ ସରଳା—ଜାଣନ୍ତି ମହାରାଜ ! ଯୁବରାଜ ଅଜୟଚନ୍ଦ୍ର ମୋର ଭବୀ ଭଗ୍ନୀପତି । ତାଙ୍କୁ ଆପଣଙ୍କର ବନ୍ଦୀ କରିବା ଘୋର ଅନ୍ୟାୟ ହୋଇଛି । ଅନୁରୋଧ—ଆପଣ ତାଙ୍କୁ ଶୀଘ୍ର ମୁକ୍ତ ଦିଅନ୍ତୁ । ତା ନୋହିଲେ ଧର୍ମ ଆପଣଙ୍କ ବିରୁଦ୍ଧେ ଦଣ୍ଡାୟମାନ ହେବ ।

ରାଜା—ନା, ତାହା କଦାପି ହେବନାହିଁ ।

ପୁଃ ସରଳା—ଏହା ତ ସମ୍ପୂର୍ଣ୍ଣ ଅନ୍ୟାୟ ଆପଣଙ୍କର—ବିନା ଦୋଷେ ଅଜୟଙ୍କୁ ବନ୍ଦୀ କରିଛନ୍ତି—ତାହାର ଫଳରେ ଆପଣଙ୍କର ରାଜ୍ୟ ଶତ୍ରୁହସ୍ତରେ ନିପତିତ ହେବ ।

ରାଜା—ସାବଧାନ ଯୁବକ ! ତୁମ୍ଭର ଭଗ୍ନୀ ମୋର ଜ୍ୟେଷ୍ଠ ପୁତ୍ର ଅଜୟର ଜୀବନ ନଷ୍ଟ କରିଛି । ସେ ବେଶ୍ୟାବୃତ୍ତି କରି ରାଜପୁତ୍ରର ଚରିତ୍ର ନଷ୍ଟ କରିଛି । ସରଳାଠାରୁ ଅନ୍ତର ରହିବା ପାଇଁ ମୁଁ ଅଜୟକୁ ବନ୍ଦୀ କରିଛି । ଦୁହିଙ୍କର ବିଚ୍ଛେଦ ଯୋଗ ନ ଘଟିଲେ—ରାଜପୁତ୍ର ଶାନ୍ତିତ ହେବନାହିଁ । ଯାଅ, ତୁମ୍ଭେ ଫେରିଯାଅ । ମୁଁ ଅଜୟକୁ ସରଳା ସହିତ ସାକ୍ଷାତ କରିବାକୁ ଦେବନାହିଁ ।

ପୁଃ ସରଳା—ଅଜୟ ଓ ସରଳାର ବିଚ୍ଛେଦ ଈଶ୍ୱରଙ୍କ ହାତରେ—
ତାହା ଆପଣ କଦାପି କରି ପାରିବେ ନାହିଁ ।

ରାଜା—ନିଷ୍ଠୁର ! ଏହି ଦେଖ ଅଜୟ ଯେ ବନ୍ଦୀରେ—

( ପାଗଳ ବେଶେ ନିୟୁତିର ପ୍ରବେଶ )

ନିୟୁତି ଗାନ—( ଭାରତ ହେଲ ଭଗାରୀ—ତୃତୀ )

ମଣିଷ ହାତେ କ୍ଷମତା, ରଖିଥିଲେ ଧାତା
ସେ ଜନମତାରେ, ଖତି କରୁଥାନ୍ତା ଅକଳନ୍ତା ।
କିଏ କରୁଅଛୁ ରାଜା ଜାଣୁଅଛି ତୁହି ବଡ଼ ଅବୁଝା
ଆପେ ଆପେ ପାଇବୁ ତୁ ସଜା ।
ଅଜୟ ସରଳା ବୈଣ, ଅବିଚ୍ଛେଦ ପ୍ରେମ ଏ ଯୋଗେ ଜାଣି
ଗର୍ଜି ଛନ୍ତି ଅବନୀରେ ପୁଣି ।
ମହା ବଳବନ୍ତ ଦୁହେଁ, ତାଙ୍କ ସଙ୍ଗେ ସରି କେହି ତ ନୁହେଁ
ତାଙ୍କୁ ଶାସନ କରିବ କିଏ ?
ବିଜୟ ନଗର ନାମେ, ରଖିଯିବେ ସ୍ଥାନ ଭାରତଧାମେ
କୀର୍ତ୍ତି ପତାକା ଉଡ଼ାଇ ଶ୍ରେମ ।
ବୁଢ଼ମୁହାଁ ସେନାପତି, ଘେରାଇ ରଖିଛି ତୁହି ସମ୍ପତ୍ତି
ବଳେ ନେବ ତୋର ଏ ବିଭୂତି ।
ମୋର କଥା ଗୋଟି ମାନ, ମୋ ଛଡ଼ା ତୋହର କାହିଁ ଶାସନ
ସେନାପତିଙ୍କୁ କର ବର୍ଜନ ।

ରାଜା—ଚୁପ୍ କର ପାଗଳ ! ସେନାପତେ ! ଏ ଦୁର୍ବୃତ୍ତ
ବ୍ୟବହାର ଆବଶ୍ୟକ ?

ସେନାପତି—ଏ ଯୁବକର ପ୍ରେରଣାରେ ବୈଦେଶିକମାନେ ଉତ୍କଳ ରାଜ୍ୟ ଆକ୍ରମଣ କରିବେ । ଶୀଘ୍ର ଏହାଙ୍କୁ ବନ୍ଦୀ କରିବା ଆବଶ୍ୟକ ।

ରାଜା—ସିପାହି ! ଏ ଯୁବକକୁ ଶୀଘ୍ର ବନ୍ଦୀ କର ।

( ଯୁବକର ବନ୍ଦୀ—ସମସ୍ତଙ୍କର ପ୍ରସ୍ଥାନ )

ଉତ୍କଳ ସଂଘ ଲାଇବ୍ରେରୀ
ନଂ............
ତା...................
ରାଉରକେଲା

# —ଚତୁର୍ଥ ଅଙ୍କ—

## —ପ୍ରଥମ ଦୃଶ୍ୟ—

( କେଉଟୁଣୀ ବହୂ ସୁନ୍ଦର ପ୍ରବେଶ )

ସୁନ୍ଦ—ଛଅମାସ ହେଲ ବାହା ହେଲି, କିନ୍ତୁ ଛଅ ଦିନ ସୁଦ୍ଧା ସ୍ୱାମୀ ସେବା କଲିନାହିଁ । ସ୍ୱାମୀ ବୋଲି ଯେ ତାର ତ ମନ ନାହିଁ କି ଧନ ନାହିଁ—ବୟସରେ ପୁଣି ଷାଠିଏ କି ସତୁରି । ଷାଠିଏ ବର୍ଷର ବୁଢ଼ାକୁ ଷୋଳ ବର୍ଷର କନିଆ । ଏଥିରେ ମନ ଯାହା ହୁଏ । ଏହା କିଏ କଲା କି—ମୋର ଯେଉଁ କାଣୀ ଶାଶୁ, ବେଶ ପୂରେଇ ଗୁରେଇ ଗାଇଲା । ହୁତୁଭେଇ ହାତରେଇ ମୋର ବାପକୁ କୋଡ଼ିଏ ଟଙ୍କା ପକେଇ ଦେଇ ମୋତେ ନେଇ ଆସିଲା । ପୁଅ ତ ତାର ଷଣ୍ଢ ହେଲେ ଢଙ୍ଗା ବାହିବାକୁ ଯାଏ—ରାତପାକ ମୁଁ ସେଇ କାଣୀ ଶାଶୁ ବୁଢ଼ୀଟାକୁ ନେଇ ପଡ଼ିଥାଏଁ ।

( ଶାଶୁର ପ୍ରବେଶ )

ଶାଶୁ—କିଲୋ ! ସକାଳଖାଇ ଝିଅ, ସବୁବେଳେ ହେଣ୍ଡ୍ରା ହେଣ୍ଡ୍ରି ହେଉଛୁ କାହିଁକି ? ତୋତେ କାନେ କାନେ କେତେ ଶିଖାଇବି ? ଢଙ୍ଗ ନା ଢାଙ୍ଗିଣୀ ? ସବୁବେଳେ ମୁଣ୍ଡରୁ ଲୁଗା କାଢ଼ି ପକାଉଛୁ । ଟୋକାଙ୍କ ସାଙ୍ଗରେ ହେଁ ହେଁ ହେଉଛୁ । ବର୍ତ୍ତମାନ ତ ପୁଅ ଆସିବ—ତା ପାଇଁ ରନ୍ଧାବଢ଼ା କରୁନାହୁଁ ? ଆର ବୋହୂଟି ଥିଲା, ଯାହାହେଉ ସେ ନା[illegible] ବଂଶ ରଖିଥିଲା । କାଠିଆ ବୋଲି ଯେଉଁ ପୁଅଟି ଜନ୍ମ କ[illegible]

ଥିଲା—ଅହା ! କି ସୁନ୍ଦର ପିଲାଟିଏ । ସେ ଥିଲେ, ବର୍ତ୍ତମାନ ମୁଁ ତାକୁ କୋଳରେ ଘେନି ବସିଥାନ୍ତି ।

ସୁଲା—ଆଲୋ ମଉସା ! ଜାଣିଲଣି ନା ? ନାଠିଆ ବାପ ଆମର ବଡ଼ ହେଷୀମନ୍ତ । ମୁଁ ତାଙ୍କୁ କହିଲେ କଣ ହେବ, ସେ ମାଟି ଧରିଲା ବେଳକୁ ସୁନା ପାଲଟି ଯାଉଛି । ଆଲୋ ମଉସା ! ମୁଁ ସତ୍ୟାନାଶୀ କଥା କହୁଛି କଣ ? ତେଣେ ନୁକୁଆ ଗୁଣ୍ଡାଙ୍କ ନୁକେଇ ଦେଇ ଆସିଛି—ନାଙ୍କର ପଡ଼ ଟିବନି । ଯାଉଛି ତାକୁ ହୈଁଧଏଁ । ନାଠିଆବାପତ ଏଇକ୍ଷଣି ଆସିବ ।

ଧନମାଝି—ସରକାର କଂଟ୍ରୋଲ କରିକି ସବୁ ଖରାପ କଲା । କଂଟ୍ରୋଲ ହେଲା ଦିନରୁ ଯେ ଦୋକାନୀମାନେ ମଜା ଟାକଶି ମାରୁ-ଛନ୍ତି । ସରକାର କହୁଛି ଯେ ଚୋରା ବଜାର ବନ୍ଦକର । ଚୋରାବଜାର ବନ୍ଦ ହେବ କିପରି ? ଅଧେ ତ ଦେଖା ଶୁଣାରେ—ଅଧେ ତ ଲୁଗୁଛପାରେ ବଙ୍କୀ ଗୁଲିଲା । ତା ନ ହେଲେ ସେମାନଙ୍କର ଟଙ୍କାରେ ଟଙ୍କେ ଲାଭ ହେବ କିପରି ? ଦେଖୁନାହାନ୍ତି—ବେପାରୀମାନେ ନଗରେ ପେଟ ମାଡ଼ିଦେଇ ବୁଲିଲେଣି । ତାଙ୍କ ମାଇକିନାମାନେ ସାୟା, ସେମିଜ୍ ଉପରେ ଫୁଲପକା ଫର୍ଦ୍ଦି ଶାଢ଼ୀ ଛଡ଼ା ଆଉ କିଛି ପିନ୍ଧୁ-ନାହାନ୍ତି । ଆମେ କି ଚୋର ବଜାର ବନ୍ଦ କରିବୁ କିପରି ? ଆମ ଉପରେ ତ ସରକାର ଶେଷେ—ଦୋକାନୀମାନଙ୍କର ତ ବରାଦ ବୋହି ଭାକୁଡ଼ିମାଛ । ତେବେ ମୁଁ ଯାଉଛି—ସୁଲାକୁ ଦେଖା କରି ରାଜାଘର ପାଖକୁ ଯିବି । ସେନାପତି-ଙ୍କର ବରାଦ ମାଛ ଦେଇ ଆସିବି । କିଲୋ ସୁଲା ! ତୁ କଣ

ଅଳ୍ପା ଦାଣ୍ଡରେ—ମା ! ତୁ କଣ ସୁଲକୁ ଫ୍ରିସେଲ କରି ଦେଲୁଣି କି ?

ବୁଢ଼ୀ—କିରେ ବାପ ! ସମସ୍ତଙ୍କର ତ ଚୋରା ବଜାର ହେଉଛି—ସୁଲର ଚୋରାବଜାର ହେବନାହିଁ କାହିଁକି ?

ସିନ୍—କିଁରେ ସୁଲ ! ତୋତେ କଣ ଲାଜ ମାଡୁନାହିଁ ? ଦାଣ୍ଡ ମଝିଠାରେ ଠିଆ ହୋଇଛୁ ?

ସୁଲ—ହଁ, ତୁମ ଚୋରାବଜାର କଥା ମନେ ମନେ ଭାବୁଛି । ଯେଉଁ ନା ପୁରେ ଯେତେବେଳେ ସମସ୍ତେ ଚୋରାବଜାର କରନ୍ତି, କଂଟ୍ରୋଲକୁ ମାନୁଛି କିଏ ?

(ଗୀତ—ପୁରୁଷ ସ୍ତ୍ରୀ ଉଭୟଙ୍କର )

ସ୍ତ୍ରୀ— ରସିକ ନାଗରବର ହସି ପାଶେ ବସ ମୋର,
ରସିକ ମିଳିଲେ ପଛେ ତା ମଧ୍ୟରେ ତୁମ୍ଭେ ଜଣେ
ଦେଖି ନ ପୁରଇ ଆଖି ପ୍ରେମ ଆସେ ଜରଜର ।
ପୁରୁଷ—ତୁମ୍ଭ ଥିଲେ ପାଶେ ମୋର ସବୁ ଦୁଃଖ ହୁଏ ଦୂର
ସରଗ ମିଳଇ ହାତେ ଦେଲେ ଅଧରେ ଅଧର ।
ସ୍ତ୍ରୀ—ମୁହିଁ ଗୁଡ଼କିନୀ ପ୍ରାଣେ ତୁମ୍ଭଙ୍କୁ ଅନାଇ ଥାଏ
ପୀରତି ବଜାରେ ମୋର ତୁମ୍ଭେ ପରା ସୌଦାଗର ।
ପୁରୁଷ—ପ୍ରାଣ ପର ତୋର ସାଥୀ ନ ଛାଡ଼ନ୍ତ୍ର ନିତପ୍ରତି
ଠାଣୁଛି ମୋର ବେଉସା ବାଧରେ ହୁଏ ଅନ୍ତର ।

ପୁରୁଷ—ତେବେ କାଠିଆ ମାଂ ତୁ ଚାଉଳ କଣ ରାନ୍ଧୁଛୁ ମୋତେ ଖାଇବେ ଦେ । କି ତରକାରି କରୁଛୁ ?

ରାଜଦ୍ରୋହୀ—ସାବଧାନ ହୁଅ—ବର୍ତ୍ତମାନ ରାଜଦଣ୍ଡ ଭୋଗିବ ।

ସିକନ୍ଦର—ରାଜଦଣ୍ଡ ? ପ୍ରାଣଦଣ୍ଡ ପର୍ଯ୍ୟନ୍ତ ଭୟ କରେନା ସିକନ୍ଦର । ସିକନ୍ଦର ଚାହେଁ—ଭାଇର ଉଦ୍ଧାର, ସିକନ୍ଦର ଚାହେଁ—ସେନାପତିର ମୃତ୍ୟୁ; ସିକନ୍ଦର ଚାହେଁ—ଯୁଦ୍ଧ ।

ରାଜା—ଚୁପ୍ କର ! ତୁମେ କେଉଁ ଦିନ ଯୋଦ୍ଧା ହେଲ ? ଅଜୟ ପାଇଁ ପ୍ରାଣ ଦେବ ? ଯାଅ, ଯାଅ, ଶୀଘ୍ର ଅନ୍ତର ହୁଅ ।

ସିକନ୍ଦର—ବର୍ତ୍ତମାନ ସେନାପତିଙ୍କୁ ବାହାର କରି ଦେବାକୁ ସ୍ୱୀକୃତ ହୁଅନ୍ତୁ । ନଚେତ୍ ରାଜଗାଦି ତ୍ୟାଗ କରନ୍ତୁ ।

( ସେନାପତିର ପ୍ରବେଶ )

ସେନାପତି—ସିକନ୍ଦର ! ତୁମର ସେନାପତି ବିରୁଦ୍ଧରେ ଠିଆ ହେବାର କ୍ଷମତା ନାହିଁ । ତୁମେ ସେନାପତି ସମ୍ମୁଖରେ ଉତ୍ତର ଦେଇ ପାରିବ ନାହିଁ । ଏହି ଦେଖ ରାଜଦ୍ରୋହ ଦୋଷରୁ ବନ୍ଦୀ ।

ରାଜା—ଶୀଘ୍ର ସିକନ୍ଦରଙ୍କୁ ବନ୍ଦୀ କର ।

ସେନାପତି—ସିପାହି—ସିପାହି !

ସିକନ୍ଦର—ଅସି ଉତ୍ତୋଳନର କ୍ଷମତା ସିକନ୍ଦରର ଅଛି । ଦେଖ ସେନାପତି ଏ ବାଳକର କ୍ଷମତା ? ( ଯୁଦ୍ଧ )

ଅଜୟ—( ହଠାତ୍ ପ୍ରବେଶ ) ସାବଧାନ ସେନାପତି ! ତୁମ୍ଭେ ଶୀଘ୍ର ଆମ୍ଭ ରାଜ୍ୟ ତ୍ୟାଗ କର । ତା ନୋହିଲେ ମୃତ୍ୟୁ ସୁନିଶ୍ଚିତ । ( ଯୁଦ୍ଧ )

—୫୩—

( ରାଜପୁତ୍ରଦ୍ୱୟଙ୍କର ପଳାୟନ )

ସେନାପତି—ମହାରାଜ ! ଦେଖିଲେ ତ ରାଜପୁତ୍ର ଦୁଇଜଣଙ୍କର କି ଅତ୍ୟାଚାର ? ତାଙ୍କ ବିରୁଦ୍ଧରେ ରାଜଦଣ୍ଡ ପ୍ରୟୋଗ କରିବା କି ? ରାଜଦ୍ରୋହୀଙ୍କୁ ଦମନ କରିବା ଉଚିତ ନୁହେଁ କି ?

ରାଜା—କଣ ଉଚିତ ମନେ କରୁଛନ୍ତି ? ବର୍ତ୍ତମାନ ପୁତ୍ରମାନଙ୍କର ମତି ଚଞ୍ଚଳ—ସେମାନଙ୍କର କି ଦୋଷ ଧରିବା ? କିନ୍ତୁ ତାଙ୍କୁ କପଟଭାବେ ଭଲ ବାଟକୁ ଆଣିବା—ତାର ଉପାୟ ସ୍ଥିର କର ।

( ଉଭୟେ ପ୍ରସ୍ଥାନ )

ନେପଥ୍ୟ—ଗାନ—

( ଜ୍ୟୋସ୍ନାତଳେ—ବୃତ୍ତେ )

ଯେପରି ଅନ୍ଧାରେ ଘାସ ଗଦାରେ
ରଖିଛୁ ପୋତି ଅନଳ ମୁଣ୍ଡା,
କୁହୁଳି ପଦନେ ଦଗିବ ଫୁଟି
କୌଶଳୀ ତୁହି ହୋଇବୁ ଦଣ୍ଡା ।
ବେଢ଼ାଇ ଦେଇଛୁ ଇନ୍ଦ୍ରଜାଲ ଗୋଟି,
ଧର୍ମ୍ମ ନ ସହିବ ଯିବ ଛାତି ଫାଟି;
ମାଛରେ ନ ହେବୁ ମାଂସକୁ ଛାଡ଼ିବୁ
ପଡ଼ାଉଛି କାଳ ତୋ ପାଇଁ ଗଣ୍ଡା । ୧ ।
କେତେ ବଂଶ ଗୋଟି କରିବାକୁ ଧ୍ୱଂସ,
ତୋର ସ୍ଥାନ କେଉଁଠାରେ ରେ ରାକ୍ଷସ !

ପଦାରେ ତୁ କେଉଁ ପରଦା ଟାଣିବୁ
କେଉଁ ଅଭିନୟେ ନେବୁ ଫୁଲ୍‌ଧଣ୍ଡା । ୨ ।

ପର ହାତେ ଦେବୁ ସ୍ୱାଧୀନତା ଧନ,
ରହିବ କି ତୋର ଏହି ବଡ଼ ପଣ;
ଶତ୍ରୁ ଆସି ତୋର ଶୋଷିବ ଜୀବନ
ଥିବକି ତୋ ହାତେ ଚକ ଚକ ଖଣ୍ଡା । ୩ ।



## —ତୃତୀୟ ଅଙ୍କ—

### ପ୍ରଥମ ଦୃଶ୍ୟ—( ରାଜପଥ )

( ରାଜରାଣୀ ଦାସୀହସ୍ତରେ ମିଷ୍ଟାନ୍ନ ଥାଳୀ ଘେନି ସରଳ ଦେବୀ ପୁରକୁ ଯାଉଥିଲେ )

( ସେନାପତି ଓ ରାଜାଙ୍କର ପ୍ରବେଶ )

ସେନାପତି—ଦେଖିଲେଣି ମହାରାଜ ! ଘଟଣାଟା କିପରି ଆକାର ଧାରଣ କଲାଣି ? ବର୍ତ୍ତମାନ ଯେ ରାଜପୁରରୁ ବହୁତ ଧନ ଦ୍ରବ୍ୟ ବୁହା ଲାଗିଛି । ଦେଖନ୍ତୁ—ଦାସୀ ହସ୍ତରେ ନିଜେ ମହାଦେଈ କଣଗୁଡ଼ାଏ ନେଇ ଯାଉଛନ୍ତି । ଆପଣ କିପରି ପୁଦିକୁ ଆଯତ୍ତ କରିବେ ? ରାଣୀ ତ ଅଜୟଙ୍କୁ ଯଥେଷ୍ଟ ସାହାଯ୍ୟ କରୁଛନ୍ତି । ତା'ର କୁଦାଗକୁ ଗମନ କରିବା ପଥ ପରିଷ୍କାର କରି ଦେଉଛନ୍ତି । ତା ନ ହୋଇଥିଲେ ସାମାନ୍ୟ ପିଲା ସିକନ୍ଦର ଆମ୍ଭ ବିରୁଦ୍ଧରେ ଠିଆ ହୁଅନ୍ତା କି ?

ରାଜା—ଅଚ୍ଛା ସେନାପତି, ତୁମ୍ଭେ ଟିକିଏ ଅପେକ୍ଷା କର, ମୁଁ ଦେଖେଁ ।

( ରାଜା ରାଣୀଙ୍କ ନିକଟକୁ ଯାଇ )

ଏ କଣ ? କେଉଁଠାକୁ ଏ ସ୍ୱର୍ଣ୍ଣଥାଳୀ ଘେନି ଯାଉଛ ? ଏଥିରେ କଣ ଅଛି ?

ରାଣୀ—ଏଥିରେ ଖାଦ୍ୟ ସାମଗ୍ରୀ ଅଛି ।

ରାଜା—କେଉଁଠାକୁ ଯାଉଛ ?

ରାଣୀ—ସରଳା ଦେବୀ ପୁରକୁ ।

ରାଜା—କାହିଁକି ?

ରାଣୀ—ବର୍ତ୍ତମାନ ଅଜୟ ଓ ସିକନ୍ଦର ସରଳା ଦେବୀ ପୁରରେ—ପ୍ରାଣ ଭୟରେ ରାଜପୁରକୁ ଆସୁନାହାନ୍ତି । ଅଜୟ ତିନିଦିନ ହେଲା କିଛି ଖାଇନାହିଁ । ସିକନ୍ଦର ମଧ୍ୟ ସେହିପରି ଉପବାସରେ ଶୋଇଛି । ଯେଉଁଦିନଠାରୁ ସେନାପତିଙ୍କ ସାଙ୍ଗରେ ତାଙ୍କର ଦ୍ୱନ୍ଦ୍ୱଗୋଳ ହେଲା—ସେହିଦିନଠାରୁ ସେ ଦୁଇଜଣ କିଛି ଖାଉନାହାନ୍ତି । ଆପଣଙ୍କ ତାଡ଼ନା ଯୋଗେ ସେମାନେ ଅନାହାରରେ ପ୍ରାଣ ହରାଇବାକୁ ବସିଛନ୍ତି । ଏମାନଙ୍କର ଦୁର୍ଦ୍ଦଶା ଦେଖି ସରଳା ଦେବୀ ମଧ୍ୟ ଅନାହାରରେ ରହିଛନ୍ତି । ଏକଥା ଶୁଣି ଏ ଖାଦ୍ୟଦ୍ରବ୍ୟ ଘେନି ଯାଉଛି ସେମାନଙ୍କୁ ଖୁଆଇ ରାଜପୁରକୁ ଘେନି ଆସିବ ।

ରାଜା—ସରଳା ଦେବୀ ଗୃହ କଣ ରାଜପୁର ହେବ ? ସେମାନେ ତ ପିତୃଦ୍ରୋହୀ, ସେମାନଙ୍କୁ ଆଉ ଦୟା କଣ ? ଏ ରାଜଧନରେ ସେମାନଙ୍କର ଦାବୀ ନାହିଁ ।

ରାଣୀ—ଅନାହାରରେ କଣ ସେମାନେ ମରିଯିବେ ?

ରାଜା—ଏତେ ଦୟା କାହିଁକି ? ପୁଅ ଦୁଇଜଣ ସ୍ୱେଚ୍ଛାଚାରୀ ହେବାଟା ଯେ କେବଳ ତୁମ୍ଭରି ଯୋଗେ—ତାଙ୍କର ଏ କୁଚରିତ୍ର ପାଇଁ ତୁମ୍ଭେ ବେଶ୍ ପ୍ରଶ୍ରୟ ଦେଉଛ । ବେଶ୍ୟା ଘରେ ରହି ଭୋଜନ କରିବା ବେଶ୍ ସମ୍ମାନର କଥା । ସେମାନେ ଯେ ପ୍ରାଣ ଭୟରେ ବେଶ୍ୟା ଘରେ ଲୁଚିଛନ୍ତି—

ତାଙ୍କୁ କଣ ବେଶ୍ୟା ରକ୍ଷା କରିବ ? ନା—ତୁମେ ରକ୍ଷା କରିବ ? ଆଚ୍ଛା ଯାହା କରୁଛ କର—କିନ୍ତୁ ସେମାନେ ରାଜଭଣ୍ଡାରରୁ କିଛି ସାହାଯ୍ୟ ପାଇ ପାରିବେ ନାହିଁ । ଶୀଘ୍ର ମୋ ରାଜ୍ୟରୁ ଅନ୍ତର ହୁଅନ୍ତୁ ।

ରାଣୀ—ରାଜଧନରେ ତାଙ୍କର କଣ ଦାବୀ ନାହିଁ ? ନିଶ୍ଚୟ ତାଙ୍କର ଦାବୀ ଅଛି । ସେମାନେ କଣ ରାଜବୀର୍ଯ୍ୟରୁ ଜନ୍ମ ନୁହନ୍ତି ? ମୁଁ ନିଶ୍ଚୟ ତାଙ୍କର ଜୀବନ ରକ୍ଷା କରିବି ।

ରାଜା—ଚୁପ୍ କର ! ମୁଁ ତାଙ୍କୁ ଖାଦ୍ୟ ଦେବାକୁ ନିଷେଧ କରୁଛି । ସେମାନେ ଯାଆନ୍ତୁ ରାଜ୍ୟରେ ଭିକ୍ଷା ମାଗି ଦିନ କଟାଇବେ । ଆଣ ଦାସୀ ସେ ଖାଦ୍ୟଦ୍ରବ୍ୟ ।

( ଦାସୀ ହସ୍ତରୁ ଖାଦ୍ୟଦ୍ରବ୍ୟ ନେଇ ଫିଙ୍ଗି ଦେବା )

ରାଣୀ—ପିତାର ହୃଦୟ ଏଡ଼େ ନିଷ୍ଠୁର—ସନ୍ତାନ ପ୍ରତି ଏଡ଼େ ନିର୍ଦ୍ଦୟ ! ହାୟ ସିକନ୍ଦର ! ହାୟ ଅଜୟ ! ତୁମ୍ଭେ କାହିଁକି ଏ ପାପିନୀ ଗର୍ଭରେ ଜନ୍ମ ଗ୍ରହଣ କରିଥିଲ ? ତୁମ୍ଭେ କାହିଁକି ଏ ରାକ୍ଷସ ରାଜାର ଔରସରେ ଜନ୍ମିଥିଲ ?

ସିକନ୍ଦର—ମା' ମା' କାନ୍ଦୁଛ କାହିଁକି ? କାହିଁକି ଏ ଖାଦ୍ୟଦ୍ରବ୍ୟ ଏଣେତେଣେ ପଡ଼ିଛି ?

ରାଣୀ—ବାପା ! ଭାଇ କାହିଁ ? ତୁମ୍ଭେ ଯେ ତିନିଦିନ ହେଲା ଖାଇ ନାହିଁ ?

ସିକନ୍ଦର—ହଁ ମା, ଆମ୍ଭେମାନେ ଖାଇ ସାରିଛୁଁ । ଏ କି ଘଟଣା—କାହିଁକି ଖାଦ୍ୟଦ୍ରବ୍ୟ ଗୁଡ଼ିକ ବିଛୁଡ଼ି ହୋଇ ପଡ଼ିଛି ?

ରାଣୀ—ବାପା ! ମୁଁ ତୁମ୍ଭର ତିନିଦିନ ଅନାହାରରେ ଥିବା ଜାଣି ଖାଦ୍ୟଦ୍ରବ୍ୟ ନେଇ ଆସୁଥିଲି । ତୁମ୍ଭର ବାପା ଆସି ସେ ଗୁଡ଼ିକ ଫିଙ୍ଗି ଦେଇଗଲେ—ସେ କହିଲେ—ତୁମ୍ଭେ-ମାନେ ରାଜଧନ ପାଇ ପାରିବ ନାହିଁ । ତୁମ୍ଭେମାନେ ପିତୃଦ୍ରୋହୀ ଓ ରାଜଦ୍ରୋହୀ । ରାଜଧନରେ ତୁମ୍ଭର ଦାବୀ ନାହିଁ ।

ସିକନ୍ଦର—ସେ ତ ବାପାଙ୍କର ବୁଦ୍ଧି ନୁହେଁ—ଏହା ସେନାପତିର ପରାମର୍ଶ । ମା ! ତୁମ୍ଭେ କିଛି ଚିନ୍ତା କରନାହିଁ । ଆମ୍ଭଙ୍କୁ ଧନ ଅଭାବ ନାହିଁ । ରାଜ୍ୟ ଯାକର ବହୁତ ପ୍ରଜା ବହୁ ଦ୍ରବ୍ୟ ଆଣି ଦେଉଛନ୍ତି । ଈଶ୍ୱର ଆମ୍ଭର ଭରସା । ରାଜଧନ ଆମ୍ଭର ଆବଶ୍ୟକ ନାହିଁ । ମା' ତୁମ୍ଭେ ରାଜପୁରକୁ ଯାଅ । ଆମ୍ଭମାନଙ୍କ ପାଇଁ କିଛି ଚିନ୍ତା କରନାହିଁ ।

( ରାଣୀ, ଦାସୀ ଓ ସିକନ୍ଦରର ପ୍ରସ୍ଥାନ )

## —ଦ୍ୱିତୀୟ ଦୃଶ୍ୟ—

( ରାଜା ଓ ରାସବିହାରୀ ପ୍ରବେଶ )

ରାସ—ମହାରାଜ ! ଏହି ସେହି ସରଳା ବେଶ୍ୟାର ସ୍ୱର୍ଣ୍ଣ ମୁଦ୍ରିକା । ଦେଖନ୍ତୁ—ସରଳାର ନାମାଙ୍କିତ ମୁଦ୍ରିକା ।

ରାଜା—ବଡ଼ ଆଶ୍ଚର୍ଯ୍ୟ ! କିପରି ଏ ମୁଦ୍ରିକା ହସ୍ତଗତ କଲ ? ମୋର ପୁତ୍ର ଦୁଇଜଣ ତ ସଦାବେଳେ ସରଳା ପୁରରେ—ତୁମେ ସେଠାକୁ ଗଲ କିପରି ?

ରାସ—ବଡ଼ ଅଦ୍ଭୁତ ଘଟଣା ଘଟିଅଛି କାଲି—ସରଳା ଦେବୀଙ୍କ କେଳିମନ୍ଦିରର ଗୋଟିଏ ସ୍ୱତନ୍ତ୍ର କୋଠରୀ ଓ ତାଙ୍କର ଶୟନ କକ୍ଷ ମଧ୍ୟ ପୃଥକ । ସରଳାଙ୍କର ଆଦେଶ ନେଇ ମୁଁ ତାଙ୍କ କେଳି ମନ୍ଦିରରେ ପ୍ରବେଶ କଲି । କିନ୍ତୁ ତାଙ୍କ ଶୟନ ମନ୍ଦିରରେ ଅଜୟବାବୁ ଥା'ନ୍ତି । ଠିକ୍ ରାତ୍ର ଦ୍ୱିତୀୟଯାମ ଉପସ୍ଥିତ ହୋଇଛି—ସରଳାଙ୍କ ସହିତ ମୋର ମଧୁର ସମ୍ଭାଷଣ ଚାଲିଛି । ଠିକ୍ ଏହି ସମୟରେ ଅଜୟବାବୁ କବାଟ ଜଞ୍ଜିରଟି ବଜାଇବାକୁ ଲାଗିଲେ । ସେଥିରେ ସରଳା ନୀରବ ରହିଲେ । ପୁଣି ଉକ୍ତ ଜଞ୍ଜିରଟି ଜୋରରେ ଆଘାତ ହେବାର ଶବ୍ଦ ଶୁଭିଲା । ସେତେବେଳେ ମୋର ହୃଦୟ ଥରିବାକୁ ଲାଗିଲା । କିନ୍ତୁ ସରଳା ମୋତେ ଯଥେଷ୍ଟ ସାହସ ପ୍ରଦାନ କରୁଥାନ୍ତି । ଶେଷରେ ଅଜୟବାବୁ ଡାକିବାକୁ ଲାଗିଲେ । ତହିଁରେ ସରଳା ଉତ୍ତର ଦେଲେ—ମୋର

ସ୍ତ୍ରୀ—କଣ କହିବ ନାଠିଆ ବାପ ! ଆମ ନଡ଼ିଆ ନଳମ ନାଗ କେତେରେ ନରଙ୍ଗ ଦେଇଛନ୍ତି । ନିରଡାଲି କରିଛନ୍ତି, ନୁ କୁଆ, ନାରୁ ବାନ୍ଧିଛନ୍ତି । ଆଇଗଣ ଭାଜିଛନ୍ତି । ଦୁଅଟି ନଖାଲ ଖାଇବ ଗଲ ।

( ଉଭୟଙ୍କର ପ୍ରସ୍ଥାନ )

—(୦)—

## —ଦ୍ୱିତୀୟ ଦୃଶ୍ୟ—

( ବୈଠକଖାନା )

ସେନାପତି—ଶେଷ କଥା ଭାବୁଛି, ସରଳାକୁ ହତ୍ୟା ନ କଲେ ଅଜୟ ସଂଶୋଧିତ ହୋଇ ପାରିବ ନାହିଁ । କଦାପି ଯୁବରାଜ ସରଳାକୁ ତ୍ୟାଗ କରି ପାରିବ ନାହିଁ ।

( ରାଣୀଙ୍କର ଗୁପ୍ତଭାବେ ଅସି ପରାମର୍ଶ ଶୁଣିବା )

ରାଜା—ଏହା କଣ କରିବାକୁ ହେବ ? ନ କଲେ କଣ ଚଳିବ ନାହିଁ ?

ସେନାପତି—ଚଳିବ କିପରି ? ସାମାନ୍ୟ ସରଳା ପାଇଁ କେତେ ବଡ଼ ରାଜବଂଶ ଆଜି କଳଙ୍କିତ ହେବାକୁ ଯାଉଛି—ରାଜ୍ୟରେ କି ଭୟଙ୍କର ଆନ୍ଦୋଳନ ସୃଷ୍ଟି ହୋଇଛି । ଅକୁଣ୍ଠିତ ଚିତ୍ତରେ ସରଳାର ପ୍ରାଣ ବିନାଶ କରିବା ସର୍ବାଗ୍ରେ କର୍ତ୍ତବ୍ୟ । ତା ନୋହିଲେ ଏ ବିଦ୍ରୋହାଗ୍ନି ନିର୍ବାପିତ ହେବା ଅସମ୍ଭବ ।

ରାଜା—କାହାଦ୍ୱାରା ଏ କାର୍ଯ୍ୟ ସାଧିତ ହେବ ?

ସେନାପତି—ଆପଣ ଯାହାକୁ ଆଦେଶ ଦେବେ । ଯଦ୍ୟପି ସ୍ୱୟଂ ସେ କାର୍ଯ୍ୟ କରିବାକୁ କୁଣ୍ଠିତ—ତେବେ ଅନ୍ୟ ବ୍ୟକ୍ତିଦ୍ୱାରା ସାଧନ କରିବା ଉଚିତ ।

ରାଜା—ଅନ୍ୟ ବ୍ୟକ୍ତି କିଏ ? ତୁମ୍ଭେ ନିଜେ ଆଜି ରାତ୍ର ଅର୍ଦ୍ଧ ସମୟରେ ସରଳା ପୁରରେ ପ୍ରବେଶ କରି ଅକୁଣ୍ଠିତ ଚିତ୍ତରେ ସରଳାକୁ ହତ୍ୟା କର ।

( ରାଜା ଓ ସେନାପତିର ପ୍ରସ୍ଥାନୋଦ୍ୟତ—ନିୟତି ପ୍ରବେଶ )

( ଗାନ—ଆଖିନୀର ଆଉ ଢାଳନା ପାତକୀ—ବୃତ୍ତେ )

ମୁଖେ ହତ୍ୟା କଥା କହନା ପାମର,
ହୃଦେ ପାପ ଭରା ସର୍ବଦା ତୋହର;
ଧର୍ମ୍ମ ଅଛି ଏ ଶରୀରେ ସ୍ମୃତି ଆତଯାତ କରେ
ଅନ୍ତରେ ଧାଡେ ପାପ-ପ୍ରମାଦ ପାତକୀର ମନ ମନ୍ଦିର ଅନ୍ଧାର
ମୁଖେ ମଧୁର ଲଗାଇ ଗରଳେ ଭରା କରାଇ
ପାରିବୁ କି ତୁ ବିନାଶି ତାରେ
ଜଳବୁ ତୁଷାରେ କମଳ ପ୍ରକାର ।

ରାଣୀ—ନାରକୀର ଶୁଣିଅଛି ଗୁପ୍ତ ପରାମର୍ଶ ।
ଅନ୍ୟାୟୀ ଅନ୍ୟାୟେ
ସୃଜୁଛି ଯେ ସୁଭୀଷଣ କାଣ୍ଡ—
ଅସହ୍ୟ ଏ ହୃଦ !
ଦେଖିବ କିପରି ନେତ୍ର ଏ ଅନ୍ୟାୟ କର୍ମ !

ହାୟରେ ରାଜନ !
ଗର୍ଦ୍ଦଭ ପରାୟେ ଲଭି ସିଂହାସନ ଗାଦୀ
ଅବିବେକୀ ପଡ଼ିଛୁ ଚଳୁ ପିଶାଚ ବୁଦ୍ଧିରେ ।
ଦେଖିବୁ, ଦେଖିବୁ ଏବେ—
ଫଳ ତୋର କେଡ଼େ ବିଷମୟ !
ବାନ୍ଧିଲୁ ପୁତ୍ରଙ୍କୁ ଯେଉଁ ଚଣ୍ଡାଳ ବୁଦ୍ଧିରେ,
ସେ ଚଣ୍ଡାଳ ବାନ୍ଧିବ ଯେ ତୋତେ—
ନିକଟ ଭବିଷ୍ୟେ ।
ରଖିଥାଅ ମନେ, ରେ ପିଶାଚ !
ଯେଉଁ ଅତ୍ୟାଚାର ଅସ୍ତ୍ରେ ମୋର ପୁତ୍ରଙ୍କୁ ଦଣ୍ଡିଲୁ,
ସେହି ଅସ୍ତ୍ରେ ନିଜେ ହେବୁ ଦଣ୍ଡି ।
ଧ୍ୱଂସ ହେବ କୁଟନୀତି ତୋର,
ଧ୍ୱଂସ ହେବୁ ନିଜେ ତୁହି ତା ସଙ୍ଗେ ଐଶ୍ବର୍ଯ୍ୟ ।

ରାଜା—ରାଣି ! ତୁମ୍ଭେ କାହିଁକି ଏପରି ଗୁଡ଼ାଏ ଭାବୁଛ ? ଦିନୁଦିନ ତୁମ୍ଭର ତନୁ କ୍ଷୀଣ ହେଉଛି । କିଆଁ ହୀନ ହୃଦୟରେ ଅବିରଳ ଲୋତକ ଧାରା ଗଡ଼ାଉଛ ? ମୁଁ ତୁମ୍ଭ ପୁତ୍ର-ମାନଙ୍କର ମଙ୍ଗଳ କାମନା କରୁଛି ।

ରାଣୀ—କି ମଙ୍ଗଳ କରିବ ରାଜା ! ତୁମ୍ଭେ ଏତେ ଅବିବେକୀ ! ପଶୁସମ ନିର୍ଦ୍ଦୟ ହୃଦୟ ତୁମ୍ଭର । ପ୍ରଭୁ ତୋର ସେନାପତି, ପୁତ୍ର ତୋର ସେନାପତି—ରାଜ୍ୟ ତୋର ସେନାପତି । ପୁତ୍ରର ଆଶା ତ୍ୟାଗ କରିଛ; ଜାଣିଛ ସରଳା, ଅଜୟର ଅର୍ଦ୍ଧାଙ୍ଗିନୀ । ସରଳାକୁ ହତ୍ୟା କଲେ, ଅଜୟକୁ ଆଉ ପାଇବ

ନାହିଁ । ସରଳାର ହତ୍ୟା ହେଲେ, ତା ପଛେ ପଛେ ଅଜୟ ପ୍ରାଣ ହରାଇବ । ଅଜୟ ଦଶାରେ ସିକନ୍ଦର ନିଶ୍ଚୟ ଜୀବନ ତ୍ୟାଗ କରିବ ।

ରାଜା—କାହିଁକି ଏପରି ଘଟିବ ରାଣୀ ?

ରାଣୀ—ଅଜୟର ଏହା ଦୃଢ ସଂକଳ୍ପ ସେ ସରଳା ପାଇଁ ପ୍ରାଣ ବର୍ଜନ କରିବ । ଆଜିକାର ଗୁପ୍ତ ପରାମର୍ଶ ମୁଁ ସବୁ ଶୁଣିଛି; ରାକ୍ଷସ ସେନାପତି ସରଳାକୁ ହତ୍ୟା କରିବା ଆଦେଶ ପାଇଛି । ସରଳାର ହତ୍ୟା ପରେ ପରେ ଅଜୟ ଓ ସିକନ୍ଦରର ମୃତ୍ୟୁ—ସେହି ସେନାପତି ହାତରେ ସୁନିଶ୍ଚିତ ।

ରାଜା—ସେନାପତି କଣ ଏହା କରିବ ? ଅଜୟ, ସିକନ୍ଦରର ପ୍ରାଣ ବିନାଶ କରିବ—ମୁଁ କଣ ଥିବିନାହିଁ ?

ରାଣୀ—ତୁମ୍ଭର ମୃତ୍ୟୁ ଆଉ ବେଶୀ ଡେରି ନାହିଁ । ମୋର ମୃତ୍ୟୁ ମଧ୍ୟ ଖୁବ୍ ନିକଟରେ । ତାହାପରେ ଅଜୟ ଓ ସିକନ୍ଦରର କି ଦୁର୍ଦ୍ଦଶା ଘଟିବ ଭାବି ଦେଖ ଥରେ ।

ରାଜା—ପୁତ୍ରଶୋକରେ ରାଣୀ ସମ୍ପୂର୍ଣ୍ଣ ପାଗଳିନୀ । (ହାସ୍ୟ) ଯାଅ, ଯାଅ ରାଣି; ତୁମ୍ଭର ମସ୍ତିଷ୍କର ବିକୃତି ଘଟିଛି । ତୁମ୍ଭେ ଅନ୍ତଃପୁରକୁ ଯାଅ । ( ପ୍ରସ୍ଥାନ )

ରାଣୀ—( ସ୍ୱଗତ ) ସରଳା ତ ବର୍ତ୍ତମାନ ବନ୍ଦୀରେ—ମୁଁ ଯାଉଛି ସରଳା ପୁରରେ ପ୍ରବେଶ କରି ତା ପାଇଁ ପ୍ରାଣ ଦେବି ।

( ପ୍ରସ୍ଥାନ

( ସେନାପତିର ପ୍ରବେଶ )

ସେନାପତି—ଏହି ଠିକ୍ ସମୟ—ରବିର ଦ୍ୱିତୀୟଯାମ—ସରଳା ପୁରରେ ପ୍ରବେଶ କରି ତାର ପ୍ରାଣ ହତ୍ୟା କରିବି ।

(ସରଳା ପୁରରେ ଉପସ୍ଥିତ ହୋଇ)

ଏଁ ! ପୁରଟି ତ ଅନ୍ଧକାରମୟ, ସରଳା ! ସରଳା ! ଆଜି ତୋର ଇହଲୀଳା ଶେଷ, ବାରମ୍ବାର ବାରଣ କଲି, ରାଜ-ପୁରକୁ ତ୍ୟାଗ କଲୁନାହିଁ । ଏହି ଦେଖ ତୋର ପ୍ରାଣହନ୍ତା ସମ୍ମୁଖରେ ଦଣ୍ଡାୟମାନ—ଏହି ଦେଖ ତୋର ପ୍ରାଣ ନେଲି ।                (ଖଣ୍ଡା ପ୍ରହାର)

( ରାଣୀଙ୍କ ସ୍କନ୍ଧଦେଶରେ ,ଖଣ୍ଡାର ଆଘାତ ଯୋଗୁଁ ରାଣୀ ଚିତ୍କାର କଲେ )

ରାଣୀ—ରେ ବିଶ୍ୱାସ ଘାତକ !
ଏହା କଣ ଥିଲା ତୋର ମନେ ?
ଏହି କୁଟନୀତି ବଳେ—
କରିଅଛୁ ହସ୍ତଗତ ରାଜରାଜେଶ୍ୱରେ ।
ନରପଶୁ,
କୁକ୍କୁର !
ମତ୍ତଗର୍ବେ ହୋଇ ଅନ୍ଧ
କରୁଅଛୁ ଯେ ଚଣ୍ଡାଳ କର୍ମ,
ସରଳାକୁ ମାରିବାକୁ ଧରିଛୁ ଯେ ଛୁରୀ;
ଅଳ୍ପଦିନେ ପ୍ରତିଫଳ ତାର

ଦେବ ତୋତେ ସେହି ଛୁରୀ କିଣ୍ଟେଁ ।
ସେତେବେଳେ ଭାବିବୁ ତୁ ଏହି ରାଣୀ କଥା ॥
ମରିଲାହିଁ ରାଣୀ,
ପିଶାଚ !
କିପାଇଁ କୁଣ୍ଠିତ ଆଉ ?
ଭ୍ରମରେ ପଡ଼ିଣ ଦେଇ ରାଣୀ ଗଳେ ଛୁରି—
ସେହି ଭ୍ରମବଶେ ନିଜେ ହେବୁ ନଷ୍ଟ ।

ସେନାପତି—ଏ କି ଅଦ୍ଭୁତ କଥା ! ଏ ତ ସରଳ ବେଶ୍ୟା ନୁହେଁ, ଉଃ, କେଡ଼େ ଭୁଲ୍ କଲି, କଣ କରିବି ? ରାଣୀର ଗଳାରେ ଛୁରିକା ପ୍ରହାର କଲି । ଆଉ ରକ୍ଷା ନାହିଁ । ହେବି ମୁହିଁ ଦେଶାନ୍ତର କିବା ହରାଇବି ପ୍ରାଣ ରାଜଦଣ୍ଡେ । ଉଃ, ମସ୍ତିଷ୍କ ବିଭ୍ରମ ମୋର ।

ରାଣୀ—କି ଉପାୟ ମୋକୁ ତୁହି ? ରାଣୀକୁ ହତ୍ୟା କରିବାକୁ କୁଣ୍ଠିତ କାହିଁକି ? ମୋର ମୃତ୍ୟୁ ନ ହେଲେ ଯେ ତୋର ପ୍ରାୟଶ୍ଚିତ୍ତ ନାହିଁ । ପଳାୟନ କଲେ ମଧ୍ୟ ତୋର ରକ୍ଷା ନାହିଁ ।

ସେନାପତି—ବର୍ତ୍ତମାନ ରାଣୀର ପ୍ରାଣ ନ ନେଇ ପଳାୟନ କଲେ ତାର ଖଡ୍ଗବିଦ୍ଧ ହୃଦୟଟିକୁ ରାଜାଙ୍କୁ ଦେଖାଇ ମୋର ଭୟଙ୍କର ଅନିଷ୍ଟ କରିବ । ସେ ଭ୍ରମବଶତଃ ଯେଉଁ କାର୍ଯ୍ୟଟି କରି ପକାଇଲି, ତାହା ମୋର ପ୍ରାଣନାଶ କରିପାରେ । ଯାଉଛି ରାଣୀର ପ୍ରାଣ ବିନାଶ କରିବି । ତାହା ନ କଲେ ମୋ ପ୍ରାଣ ରକ୍ଷାର ଅନ୍ୟ ଉପାୟ ନାହିଁ ।

ନିବୃତ୍ତି—(ଗାନ)

ନିଜ ପ୍ରାଣ ରକ୍ଷି— ବାପୁ ତୁ କି ଠକ
କରୁ ପର ପ୍ରାଣ ନାଶ,
ନିଜ ସ୍ୱାର୍ଥ ପାଇଁ ରଖି ସବୁଥିରେ
ପର ସ୍ୱାର୍ଥ କରୁ ଧ୍ୱଂସ ।
ନିଜେ ପେଟେ ଖାଇ ପର ପେଟେ ନେଇ
ଭୁଖାକୁ ଦେଉଛୁ ଭୁଷି,
ସେ କାନ୍ଦି ଉଠିଲେ ତୋ କାନ୍ଦିବା ଥାଉ
ତୁ ହେଉଛୁ ବଡ଼ ଖୁସି ।
କୁକୁର ପରି ତୁ ତାକୁ ନ ଚିହ୍ନିଲୁ
ଜନ୍ମିଲୁ ଯାହା ଗର୍ଭରୁ,
ତାର ସ୍ତନ୍ୟ ପିଇ ବଡ଼ ହୋଇ ଯାଇ
ତା ସଙ୍ଗେ ରମଣ କଲୁ ।
ବଧିଲେ ରାଣୀକୁ ନିଜେ ତୁ ମରିବୁ
ଏ କଥାକୁ ରଖ ମନେ,
ନ ବଧିଲେ ପୁଣି ପ୍ରାଣ ହରାଇବୁ
ରାଜାର କୋପ କୃପାଣେ । ୪ ।

ସେନାପତି—ମିଥ୍ୟା କଥା,
କରିବାକୁ ରକ୍ଷା ସେ ନିଜକୁ
ଅଛି ବିଚକ୍ଷଣ ବୁଦ୍ଧି ସେନାପତିର ହୃଦୟେ ।
ଏହି କୃପାଣ ମୁନେ,
ରାଜ୍ୟ ପାଇଁ କରିଅଛି କୋଟି କୋଟି ନରନାରୀ ହତ୍ୟା ।
ରାଣୀକୁ ହତ୍ୟା କରିବା ହତ୍ୟା ନୁହେଁ ବଡ଼,

ନୁହେଁ ଏହା ନିଦାରୁଣ କାର୍ଯ୍ୟ ।
ନିଦାରୁଣ ହେବ—
ଯେତେବେଳେ ହତ୍ୟାକାଣ୍ଡ ଧରିବ ପ୍ରକାଣ୍ଡ ଆକାର ।
ରାଜା ହେବେ ହତ—
ହତ ହେବେ ଯୁବରାଜ, ସିକନ୍ଦର ଆଦି ।
ସେତେବେଳେ—
ଥିବକି ଦୟା ଏହି ସେନାପତି ହୃଦେ ?
ରାଜ୍ୟ ପାଇଁ କଲେ ଏହା,
ନୁହେଁ ଦୋଷାବହ ।
ରାଜ୍ୟପ୍ରାପ୍ତି ନୁହଁଇ ସହଜ,
ବହୁ ନରରକ୍ତେ ଗଢା ରାଜସିଂହାସନ ।
ବୀର ଯେହୁ—
ନୁହେଁ ସେ କି କ୍ରୁର ନିଦାରୁଣ !
ବଧିବି ଏ ନାରୀ ପ୍ରାଣ ।
ରାଣି, ରାଣି !
କର ଏବେ ଇହଧାମ ତ୍ୟାଗ ।

( ରାଣୀର ଗଳା କଣ୍ଠିନ ଓ ଚିତ୍କାର ଧ୍ୱନି—ସେନାପତିର ପ୍ରସ୍ଥାନ )

ନିଯୁତ—ଗାନ—

ସବୁଜବନେ ଶୁଣ ଫାଣ ବନ୍ଧି ଆଶା
ଫାଲ୍‌ଗୁଣୀ ଆଗରେ କହେ,
ଫାଲ୍‌ଗୁଣୀ ତାହାର ଗାଁ ଦାଣ୍ଡେ ବୁଲି
ବଡ ଢୋଲଟି ବଜାଏ;

ମୋର ପ୍ରାଣନାଥଟି,
ମହାଯୋଦ୍ଧା ଯୁଦ୍ଧକୁ ଯାଏଟି । ୧ ।
ଶିଆଳୀ କହେ ଯେ          ଶିଆଳକୁ ଚାହିଁ
ବସିଛୁ ଗଡ଼ି ମୁହଁରେ,
ଯାଇଛନ୍ତି ମୋର          ପ୍ରାଣେଶ୍ୱର ଆଜ
ଲଢ଼ିବେ ବାଘ ସାଙ୍ଗରେ;
ଦେଖୁଁ ଦେଖୁଁ ଶିଆଳ;
ଦେଖ ଧାଇଁଛି ଅତି ଚଞ୍ଚଳ । ୨ ।
କୁକୁର ତାହାର          ପଛେ ଗୋଡ଼ାଇଛି
ପଛଆଡ଼ୁ ନେଇ ପୁଲେ,
ଶିଆଳ ଧାଇଁଛି          ପ୍ରାଣ ବିକଳରେ
ଶିଆଳୀ ପାଖରେ ମିଳେ;
କହେ ଚାଲ ଗୋ ! ଘରେ,
ଏବେ ମାଡ଼ ଅସୁଅଛି ଖରେ । ୩ ।
ଶିଆଳୀ କହିଲା          ତୁ ତ ଏଡ଼େ ଯୋଦ୍ଧା
କୁକୁରକୁ ଦେଖି ଡର,
ବାଘ ସଙ୍ଗେ ଲଢ଼ି          ଯାଉ ନାଥ ପ୍ରଭ
ମିଛରେ କହୁ କିପରି ?
ଆରେ ଅଲଜ୍ଜା ତୁହି,
କହି ଶିଆଳୀ ନେଲା ଗୋଡ଼ାଇ । ୪ ।
ଶିଆଳଟି ଶୀଘ୍ର          ହେଲା ଚିତମାଡ଼
କୁକୁର ବସିଲା ମାଡ଼ି,

ସେହିପରି ସେନା— ପତି ବଧି ନାହିଁ
ନାହିଁ ହାତେ ଯିବ ଫିଙ୍ଗି;
ତୋର ମୁଣ୍ଡ଼ିଆ ଦାନ୍ତ,
ପଡ଼ିଯିବୁ ମେଲ ତଡ଼କାତ । ୫ ।

—ତୃତୀୟ ଦୃଶ୍ୟ—

( ସେନାପତି ଓ ଚଣ୍ଡାଳମାନେ ପ୍ରବେଶ କଲେ )

ସେନାପତି—ଚଣ୍ଡାଳମାନେ ! ତୁମ୍ଭେମାନେ ଏହି ରାତି ମଧ୍ୟରେ ଯା ସରଳା ପୁରରେ ଥିବା ରାଣୀଙ୍କର ମୃତ ଶବଟି ନେଇ ବା ମଧ୍ୟରେ ଫିଙ୍ଗି ଦେଇ ଆସିବ । ଏ ବିଷୟ କେହି ଯେପ ଜାଣି ନ ପାରନ୍ତି ।

ଚଣ୍ଡାଳମାନେ—ଆମମାନଙ୍କୁ କଣ ମିଳିବ ସେନାପତି ବାବୁ ?

ସେନାପତି—ଯଥେଷ୍ଟ ପୁରସ୍କାର ଦିଆଯିବ । ଏ କାର୍ଯ୍ୟଟି ଗୁପ୍ତଭାବ ସମାପ୍ତ କର ।

ଚଣ୍ଡାଳ—ଯାଉଅଛୁଁ ସେନାପତି ବାବୁ ।

( ରାଣୀଙ୍କ ଶବ ନେଇଯିବା ପଥରେ ଭୂତପୂର୍ବ ସେନାପତି ପୁତ୍ର ଶିଖରସିଂହ ପ୍ରବେଶ କଲେ )

ଶିଖରସିଂହ—ହେ, ହେ ଚଣ୍ଡାଳମାନେ ! ଏ ଶବ କାହାର ?

୧ମ ଚଣ୍ଡାଳ—ମହାଶୟ ! ଏହା ଯେ ରାଣୀ ମହାଦେଈଙ୍କ ଶବ ।

ଶିଖର—ତୁମ୍ଭେମାନେ କାହା ଆଦେଶରେ ଏ ଶବଟିକୁ ଚୋରାଇ ନେଇ ପଳାଉଛ ? ଜାଣନାହିଁ—ମହାରାଜାଙ୍କର ଅଜ୍ଞାତରେ ଏ କାର୍ଯ୍ୟଟି କଲେ କି ଦଣ୍ଡ ପାଇବ ? କିଏ ତୁମ୍ଭଙ୍କୁ ଏ ଆଦେଶ ଦେଇଛନ୍ତି ?

୨ୟ ଚଣ୍ଡାଳ—ଏ ଆଦେଶ ସେନାପତିବାବୁ ଦେଇଛନ୍ତି ।

ଶିଖର—ତେବେ ଚାଲ ଏ ଶବ ନେଇ ରାଜାଙ୍କ ନିକଟକୁ ।

୧ମ ଚଣ୍ଡାଳ—ମହାଶୟ ! ଆମ ଦୋଷ କ୍ଷମା କରନ୍ତୁ । ଆମେମାନେ ରାଜାଙ୍କ ନିକଟକୁ ଗଲେ ମୁଣ୍ଡ କାଟ ହେବ । ରକ୍ଷା କରନ୍ତୁ ।

ଶିଖର—ତେବେ ତୁମ୍ଭେମାନେ ଏହି ସ୍ଥାନରେ ମହାଦେଈଙ୍କ ଶବ ରଖି ଅନ୍ତର ହୁଅ । ମୁଁ ରାଜାଙ୍କୁ ଏହା ଜଣାଇ ମହାଦେଈଙ୍କ ସମାଧି ବ୍ୟବସ୍ଥା କରିବି । ( ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

( ରାଜା ଓ ସେନାପତି ପ୍ରବେଶ )

ରାଜା—କାଲି ରାତି ଘଟଣା କଣ ହେଲା ? ସରଳା ହତ୍ୟା ହୋଇଛି ତ ?

ସେନାପତି—ନା, ମହାରାଜ ! ସରଳାର ମନ୍ଦିର ଶୂନ୍ୟ—କେହି ନାହାନ୍ତି—ଫେରି ଆସିଲି ।

( ଦାସୀର ପ୍ରବେଶ )

ଦାସୀ—ମହାରାଜ ! ରାଣୀ ମହଲରେ ମହାଦେଈ ନାହାନ୍ତି । ସେ କାଲି ସନ୍ଧ୍ୟାରୁ କେଣେ ଚାଲି ଯାଇଅଛନ୍ତି ।

ରାଜା—ସେନାପତି ! ଏହାର କାରଣ କଣ ? ରାଣୀ କେଉଁଠି ଗଲେ ?

ସେନାପତି—ବୋଧହୁଏ ସରଳାକୁ ନେଇ ରାଣୀ ପଳାଇ ଯାଇଛନ୍ତି । କାରଣ ସେ ପଣ କରିଛନ୍ତି—ସରଳାକୁ ରାଜବଧୂ କରିବେ । ସରଳ ହତ୍ୟା ହୋଇଥିଲେ ତାହା ହୋଇ ପାରି ନଥାନ୍ତା । ତେଣୁ ତାହାକୁ ନେଇ ସେ ପଳାୟନ କରିଛନ୍ତି ।

ରାଜା—ରାଣୀ ବୋଧହୁଏ ସରଳା ହତ୍ୟା ବିଷୟ ଶୁଣି ପାରିଛନ୍ତି ।

ସେନାପତି—ଶୁଣି ନ ଥିଲେ ଏପରି ଘଟିଥାନ୍ତା କାହିଁକି ?

ରାଜା—ଏହା ହେବାଦ୍ୱାରା ଆମ୍ଭର କିଛି କ୍ଷତି ହେବକି ?

ସେନାପତି—କିଛି କ୍ଷତି ହେବନାହିଁ ।

( ଉଭୟଙ୍କର ପ୍ରସ୍ଥାନ )

( ଶିଖରସିଂହ ପ୍ରବେଶ )

ଶିଖରସିଂହ—ରମ୍‌ଜାନ୍ ! ଶୀଘ୍ର ଏହି ପତ୍ରଖଣ୍ଡିକ ନେଇ କଏଦରେ ଥିବା ଯୁବରାଜବାବୁଙ୍କୁ ଦେଇଆସ ।

( ପ୍ରସ୍ଥାନ )

## —ପଞ୍ଚମ ଦୃଶ୍ୟ—

( ସେନାପତି ଓ ଚଣ୍ଡାଳମାନେ ପ୍ରବେଶ )

ଚଣ୍ଡାଳ—ମହାଶୟ ! ଆମେ ମହାଦେଈଙ୍କ ଶବ ଦେଖି ପାଉଁ ଯାଉଁ ବାଟରେ ଶିଖର ସିଂହ ଅଟକାଇ ଶବଟିକୁ ଛଡ଼ାଇ ରଖିଲେ ।

ସେନାପତି—ତାକୁ କଣ କରିବେ ?

ଚଣ୍ଡାଳ—ସେ ଶବଟିକୁ ଯତ୍ନ କରି ରଖି ଅଛନ୍ତି—ମହାରାଜାଙ୍କୁ ଡକାଇ ରାଣୀଙ୍କର ସମାଧି କରିବେ ।

ସେନାପତି—ଆଚ୍ଛା, ତୁମ୍ଭେମାନେ ମୋର ଗୋଟାଏ କଥା ମନେ ରଖ । ମୁଁ ବର୍ତ୍ତମାନ ରାଜାଙ୍କୁ ଡକାଇବି । ତୁମ୍ଭେ ତାଙ୍କ ସାକ୍ଷାତରେ ସାକ୍ଷୀ ଦେବ, କହିବ ଯେ—ଶିଖରସିଂହ ରାଣୀଙ୍କୁ ହତ୍ୟା କରିଛନ୍ତି, ଆମ୍ଭେମାନେ ଦେଖିଛୁଁ । ସେ ତାଙ୍କଠାରୁ ରାଜଅଳଙ୍କାର ନେବା ଉଦ୍ଦେଶ୍ୟରେ ହତ୍ୟା କରିଛନ୍ତି । ଏହି ମିଥ୍ୟା ସାକ୍ଷ ଦେଲେ ବହୁତ ପୁରସ୍କାର ପାଇବ । ଦୂତ ! ଯାଅ, ଶୀଘ୍ର ମହାରାଜାଙ୍କୁ ଡାକିଆଣ ।

( ପ୍ରସ୍ଥାନ )

—ଷଷ୍ଠ ଦୃଶ୍ୟ—

( ରାଜାର ପ୍ରବେଶ )

ସେନାପତି—ମହାରାଜ ! ବଡ଼ ଅଦ୍ଭୁତ ଘଟଣା । ରାଜପୁତ୍ରଙ୍କ ମହାଦେଈଙ୍କର ପଳାୟନ ସମୟରେ ଶିଖର ସିଂହ ହାତରେ ହତ ହୋଇଛନ୍ତି । ଶିଖରସିଂହ ରାଣୀଙ୍କର ରାଜଭୂଷଣ ନେବା ଉଦ୍ଦେଶ୍ୟରେ ହତ୍ୟା କରିଛି ।

ରାଜା—ଉଃ, କୁମୁଦିନୀ ହତ୍ୟା ହୋଇଛି ? କଣ କରିଯିବ ସେନାପତି ? ବର୍ତ୍ତମାନ ଉପାୟ କଣ ?

ସେନାପତି—ଉପାୟ କଣ ପଚାରୁଛନ୍ତି ? ବର୍ତ୍ତମାନ ଶିଖରସିଂହଙ୍କୁ ଗିରଫ୍ କରାଯାଇ ଉଚିତ ରାଜଦଣ୍ଡ ଦିଆଯାଉ । ଏହି ମୁହୂର୍ତ୍ତକ ମଧ୍ୟରେ ଶିଖରସିଂହଙ୍କର ଗୃହ ତଲାସ କରି ରାଣୀଙ୍କର ଶବସହ ତାଙ୍କୁ ରାଜଦରବାରକୁ ଚାଲାଣ କରାଯାଉ ।

ରାଜା—ସେନାପତି ! ଶୀଘ୍ର ଏହାର ବ୍ୟବସ୍ଥା କର । ସିପାହୀ ପ୍ରେରଣ କରି ଶିଖରସିଂହଙ୍କୁ ଗିରଫ କର ଏବଂ ଶବସହ ରାଜ ଦରବାରକୁ ନେଇଆସ ।

( ପ୍ରସ୍ଥାନ )

—ସପ୍ତମ ଦୃଶ୍ୟ—

( ରମକାନ୍ତ ବନ୍ଦୀଶାଳେ ପ୍ରବେଶ ଓ ଯୁବରାଜଙ୍କୁ ପତ୍ରଦେବା )

ଯୁବରାଜଙ୍କର ପତ୍ର ପଠନ—

ମହାଶୟ !

ସର୍ବନାଶ ଘଟିଅଛି । ଆଜି ରାତ୍ର ମଧ୍ୟରେ ତୁମ୍ଭର ମାତା ମୃତ୍ୟୁ ମୁଖରେ ପଡ଼ିଛନ୍ତି । ସେନାପତି ରାଣୀଙ୍କୁ ସରଳା ମନ୍ଦିରରେ ନିର୍ଦ୍ଦୟ ଭାବରେ ହତ୍ୟା କରିଛନ୍ତି । ସେନାପତିଙ୍କ ଆଦେଶ ନେଇ ଦୁଇଜଣ ଚଣ୍ଡାଳ ରାଣୀଙ୍କୁ ବନ ମଧ୍ୟକୁ ନେଇଯିବା ପଥରେ ମୁଁ ଅଟକାଇଛି । ତୁମ୍ଭର ମାତୃଶବ ମୋ ନିକଟରେ

ଅଛି । ଚଣ୍ଡାଳମାନେ ଭୟରେ ହେଜପୁରକୁ ପଳାୟନ କରିଛନ୍ତି । ଏହାର ପ୍ରତିକାର କରନ୍ତୁ ।

ଅନ୍ତର୍ଧାନ—

ଶିଖର

ଯୁବରାଜ—ହାୟ ! ସେନାପତି !
କଲୁ ତୁହି ନାରୀ ପ୍ରତି ଘୋର ଅତ୍ୟାଚାର—
କି ଖ୍ୟାତି ଲଭିବୁ ମୂର୍ଖ
ନାରୀକୁ ବଧିଣ ?
ରାଣୀ ଚୋର କଲେ କେଉଁ ଦୋଷ ?
ସହୁଛି ଏ ହୃଦୟ—
ନ ସହୁ ଧରଣୀ ।
ସହୁଛି ଏ ସିକନ୍ଦର, ଅଜୟ କୁମାର,
ମାତୃ ମୃତ୍ୟୁ ବାର୍ତ୍ତା ଗୋଟି ।
ପୁଣି—
ସରଳେ !
ଶୁଣୁଛ ତ ମାତାର ଦୁର୍ଦ୍ଦଶା ।
ଲିଭିଗଲା ଆଶା-ଦୀପ,
ଲୁପ୍ତ ହେଲା ମାତୃସ୍ନେହ ଅଙ୍କ ।
ମା ଗୋ ମା !
କେଉଁ ଦୋଷ କରିଥିଲେ କୁମର ତୋହର ?
ଦେଇଥିଲୁ ସରଳକୁ ଅଭୟ ବାରତା—
କରିବାକୁ ରାଜବଧୂ ।

ଭୁଲିଗଲୁ କି ତା ମନୁ ;
କେମନ୍ତେ ହୋଇବ ତାହା ?
ଅତ୍ୟାଗୃହୀ ସେନାପତି ହସ୍ତେ—
ଦେଲୁ ପ୍ରାଣ ଅକ୍ଳେଶରେ ।
ସ୍ୱାର୍ଥପରେ ଦାରୁଣ ନୃପତି !
ରାଜ ସିଂହାସନେ ଆଉ ଅଛୁ କେଉଁ ମୁହଁ ?
ନିର୍ଦ୍ଦୟ ସେନାପତି,
ବିଶ୍ୱାସଘାତକ—
ହୋଇଅଛୁ ବିଶ୍ୱାସୀ ତୋହର ।
ସେ ବିଶ୍ୱାସର ବିଷଜ୍ୱାଳା, ଧ୍ୱଂସ
କରିଦେବ ତୋର ରାଜବଂଶ ।

ସିକନ୍ଦର—ଭ୍ରାତ !
ନୁହେଁ ଏହା କାନ୍ଦିବା ସମୟ ।
ସରଳା !
କିପାଇଁ ହୋଇଛ ଠିଆ ପୁତ୍ତଳିକା ସମ ?
କିପାଇଁ ଲୋତକଧାର ବହେ ଅବିରଳ ?
କିପାଇଁ ବିଷାଦେ ତବ
ମଳିନ ବଦନ,
ଭାଇ !
ମାତୃଶୋକେ ନ ହୋଇ ଅଧୀର,
ଧୈର୍ଯ୍ୟ ଧରି ଧର ଅସି ହସ୍ତେ ।
ରାଜବଧୂ ସରଳା ।

ସ୍ମର ତବ ପୂର୍ବ ବୈର ମୀତ,
ସ୍ମର ତବ ବୈରି-ନିଶୋଧନ;
ପିତୃହନ୍ତା ତବ,
ଜୟପୁର ରାଜବଂଶ ଧ୍ୱଂସକାରୀ ଯେ ପିଶାଚ,
ବଧିଅଛି ଜନନୀକୁ ଯେହୁ;
ଚାଲ ସର୍ବେ—
ଉପାଡିଣ ଜିହ୍ୱା ତାର
ବିଦାରିବା ଛାତି ।
କରିବା ତା ରକ୍ତେ ଆଜ ମାତୃର ତର୍ପଣ ।
ଦିଅ ଭାଇ ! ଦିଅନ୍ତୁ ଆଦେଶ,
ଧୂଳିସାତ୍ କରେ ଏହି ରୁଦ୍ଧ କାରାଗାର,
ବାହୁ ସ୍ଫୁରେ—
ଏକସ୍ୱରେ କର ବୀରଧ୍ୱନି ।
ଭାଙ୍ଗି ଏହି କାରାଗାର—
ମାର ସର୍ବେ ଗୋଟି ଗୋଟି ପ୍ରହରୀମାନଙ୍କୁ ।

ନଂ...........
ତା...........

ସରଳା—ଧନ୍ୟ ତୋର ସାହସ ସିକନ୍ଦର !
ଧନ୍ୟ ତୋର ବୁଦ୍ଧି ।
ନୁହଇଁ ମନ୍ତ୍ରଣା ତବ ଏଡ଼ାଇବା କଥା ।
ଇଚ୍ଛା କଲେ ଭ୍ରାତା ତବ,
ଦଣ୍ଡକେ ପାରିବେ ଧ୍ୱଂସି ଏହି ରାଜପୁର ।
ଦଣ୍ଡକେ ପାରିବେ ନାଶି ସେନାପତି ।
ସାମାନ୍ୟ ଏ କାରାଗାର,

—ଦୃଶ୍ୟ—

ସେ କି ବନ୍ଦୀ କର ଇଚ୍ଛନ୍ତି ଆମ୍ଭଙ୍କୁ ।
ଆମ୍ଭର ଅନ୍ନରେ ପୋଷିଣ ଉଦର,
ସେ କିସ ଦେଖାନ୍ତେ ଆମ ଉପରେ ପ୍ରଭୁତ୍ୱ ?
କିନ୍ତୁ—
ପିତାଦେଶ ପାଳନରେ;
ନିଜ ମତେ ନିଜେ ବନ୍ଦୀ ଆମ୍ଭେ ।
ନିଜ ମନ ନିଜକୁ ବାନ୍ଧନ୍ତି;
ବାନ୍ଧିବାକୁ ଅଛି କାର ଶକ୍ତି ?

ଅଲ୍ଲୟୁ—ନା, ସିକନ୍ଦର ! ବର୍ତ୍ତମାନ କୌଣସି ଅତ୍ୟାଚାର କରିବାକୁ ପିତାନାହିଁ । ପାପୀର ପାପ ସୀମା ବଢ଼ିଯାଉ । ପାପୀର ପାପ ବୃଦ୍ଧି ପାଇଁ ପ୍ରଶ୍ରୟ ଦେବା ଆବଶ୍ୟକ । ଆଉ କିଛି ସମୟ ଅପେକ୍ଷା କର ।

( ପ୍ରସ୍ଥାନ )



## —ପଞ୍ଚମ ଅଙ୍କ—

### —ପ୍ରଥମ ଦୃଶ୍ୟ—

( ଶିଖର ସିଂହକୁ ପ୍ରହରୀମାନେ ଗିରଫ କରି ରାଣୀଙ୍କ ଶବସହ ରାଜଦରବାରରେ ପ୍ରବେଶ କଲେ )

ରାଜା—ଶିଖର ତୁମ୍ଭେ କାହିଁକି ରାଣୀଙ୍କୁ ହତ୍ୟା କରିଛ ?

ଶିଖର—ମୁଁ ହତ୍ୟା କରିନାହିଁ ।

ରାଜା—ଆଉ କିଏ ହତ୍ୟା କରିଛି ?

ଶିଖର—ହତ୍ୟା କରିଛନ୍ତି ଆପଣଙ୍କର ସେନାପତି ।

ରାଜା—ତାହା ବିଶ୍ବାସ ନୁହେଁ । ସେନାପତି ରାଣୀଙ୍କୁ ହତ୍ୟା କରିବେ କାହିଁକି ? ଯଦିବା କରିଥାଏ ତୁମ୍ଭ ଗୃହରେ ସେ ଶବ ରଖି ଆସିଲେ କିପରି ? ଏହା ମିଥ୍ୟାକଥା—ତୁମ୍ଭେ, ସେନାପତି ହତ୍ୟା କରିଥିବାର ଦେଖିଛ ?

ଶିଖର—ନା ମହାରାଜ ! ମୁଁ ଦେଖିନାହିଁ । ଦୁଇଜଣ ଚଣ୍ଡାଳ ଶବ ନେଇ ଯାଉଥିଲେ । ମୁଁ ରାଣୀଙ୍କର ଶବ ଦେଖିପାରି ଅଟକାଇଛି । କିନ୍ତୁ ସେହି ଚଣ୍ଡାଳମାନଙ୍କ ମୁଖରୁ ଶୁଣିଛି— ସେନାପତି ରାଣୀଙ୍କୁ ହତ୍ୟା କରି ସେମାନଙ୍କ ହସ୍ତରେ ପଠାଇଛନ୍ତି, ବନରେ ଫିଙ୍ଗି ଦେବାକୁ ।

ରାଜା—ଅଚ୍ଛା; ତୁମ୍ଭର ଏ ସମ୍ବନ୍ଧରେ କୌଣସି ସାକ୍ଷୀ ଦେବାର ଅଛି ?

ଶିଖର—ସାକ୍ଷୀ ସେହି ଚଣ୍ଡାଳ ଦୁଇଜଣ—ମଦନ ଓ ଗୋପାଳ ।

ରାଜା—ସେ ଯାହା ସାକ୍ଷ୍ୟ ଦେବେ ସେଥିରେ ତୁମ୍ଭର ସମ୍ମତ ? ଅଚ୍ଛା, ମଦନ ଓ ଗୋପାଳଙ୍କୁ ଡକାଅ ।

( ଦୁଇଜଣ ଚଣ୍ଡାଳଙ୍କର ପ୍ରବେଶ )

ରାଜା—ମଦନ ! ତୁମ୍ଭେ ଜାଣ—ସେନାପତି ରାଣୀଙ୍କୁ ହତ୍ୟା କରିଛନ୍ତି ?

ମଦନ—ନାଁ ମହାରାଜ ! ଶିଖରସିଂହ ହତ୍ୟା କରିଛନ୍ତି ।

ରାଜା—କେତେବେଳ ସମୟରେ ?

ମଦନ—ଠିକ୍ ରାତ ଦୁଇପ୍ରହର ସମୟରେ ।

ରାଜା—ତୁମ୍ଭେ ସେଠାକୁ ଯାଇଥିଲ କାହିଁକି ?

ମଦନ—ଶିଖରସିଂହଙ୍କ ଘର ପାଖରେ ଆମ୍ଭର ମେଳ ଜଗା ବେହେରା ଘର । ଆମ୍ଭେ ତା ପାଖକୁ ମଦ ପିଇବା ପାଇଁ ଯାଇଥିଲୁଁ, ଫେରିଲା ବେଳକୁ ଏ ଘଟଣା ଦେଖିଲୁଁ ।

ରାଜା—ଶିଖର ! ରାଜଭୂଷଣ କଣ ହେଲା ?

ଶିଖର—ରାଜ ଭୂଷଣ ମୁଁ ତ ଗ୍ରହଣ କରିନାହିଁ ।

ରାଜା—ତୁମ୍ଭେ ଏହି ରାଜଭୂଷଣ ଲୋଭରେ ଯେ ରାଣୀଙ୍କୁ ହତ୍ୟା କରିଛ ତାର ଦଣ୍ଡ—ଶୂଳି ପ୍ରାପ୍ତ ହେବ । ଯାଅ, ସିପାହିମାନେ ଏହାଙ୍କୁ ବନ୍ଦୀ କର—କାଲି ଏହାଙ୍କୁ ଶୂଳି ଦିଆଯିବ ।

( ଶିଖରସିଂହର ବନ୍ଦୀ )

ନେପଥ୍ୟ ଗାନ—( ନନ୍ଦ ନନ୍ଦନ ବ୍ରାହ୍ମ—ବୃତ୍ତେ ).

ରାଜ ନନ୍ଦନ ! ବନ୍ଦୀ ଖୋଲ ରେ ଖୋଲ ରେ

ସାଥୀ ତୋର ଆସେ ଧାଇଁ ।

ଅନ୍ଧାର ଘରେ ସେ ତ ଆଲୋକରେଖା,
ଅନ୍ଧାରେ ପଡି ପଡି ଦେଉଛନ୍ତି ଦେଖା;
ଅର୍ଗଳି ମଧ୍ୟେ ଭର ନିଜର ଗଳା,
ତୋ ଦୁଃଖରେ ଦୁଃଖୀ ହୋଇ ॥ ୧ ॥
ଗୁପତ ଭାଷା ସେହି ଗୁପତ ଭାଷା,
ଗୋପନେ ଲୁଚାଇ ତାକୁ ରଖ ମନସା;
ଏକତା ରଜ୍ଜୁ ବନ୍ଧା ହୋଇ ଏକାଠିରେ
ଅନ୍ୟାୟୀକୁ ଧ୍ୱଂସ ଯାଇ ॥ ୨ ॥

(୦)

## —ଦ୍ୱିତୀୟ ଦୃଶ୍ୟ—

( ଦାସୀର ପତ୍ର ନେଇ ରାଜାଙ୍କୁ ଦେବା )

ଦାସୀ—ମହାରାଜ ! ଏହି ପତ୍ରିକା ଖଣ୍ଡିକ ନିଅନ୍ତୁ । ଏହା ସରଳା ଦେବୀଙ୍କର ଶୟନ ଶଯ୍ୟା ଉପରେ ଥିଲା ।

ରାଜା—( ପତ୍ର ପଠନ—ତାପରେ ଗୁମାନ ହୋଇ ବସିବା ଏବଂ କିଛି ସମୟ ପରେ )
ବଡ଼ ଆଶ୍ଚର୍ଯ୍ୟ କଥା !
ସେନାପତି କରିଅଛି ରାଣୀଙ୍କୁ ନିହତ ?
ବିଶ୍ୱାସ ନଥିଲା ମୋର—
ରେ ଅତ୍ୟାଚାରୀ ସେନାପତି !
ମନେ ଥିଲା ତୋର ଏତେ କୁଟନୀତି ?

ବଧିଲ ରାଣୀଙ୍କୁ —
ନ ଭାବିଲ ପ୍ରଭୁଙ୍କ ବୋଲି ଥିଲେ ?
ଦେଲ ମୋର ରାଣୀ ଗଲେ ଦୂର ।
ନ ଦିଶଇ ବୁଝି ମୋତେ ଆଜ—
ହାୟ କୁମୁଦନୀ—କୁମୁଦନୀ—

(ତଳେ ପଡ଼ିଯିବା—ସିପାହୀଙ୍କର ରାଜାଙ୍କୁ ଧରି ଉଠାଇବା)

ରାଜା—ସିପାହି ! ଶୀଘ୍ର ସେନାପତିଙ୍କୁ ଡାକିଆଣ ।

( ସେନାପତି ପ୍ରବେଶ )

ରାଜା—ସିପାହି ! ସେନାପତିଙ୍କୁ ବନ୍ଦୀକର ।

(ସିପାହୀଙ୍କର ସେନାପତିଙ୍କୁ ବନ୍ଦୀ କରିବା)

ସେନାପତି—କି ଆଶ୍ଚର୍ଯ୍ୟ ! ମୋତେ ବନ୍ଦୀ କରୁଛନ୍ତି କାହିଁକି ? ପ୍ରହରୀ ! ମୋତେ ଛାଡ଼ିଦିଅ—ଘଟଣା କଣ ବୁଝେଁ । ବନ୍ଦୀ କରିବାକୁ ଏତେ ବ୍ୟସ୍ତ କାହିଁକି ? ମହାରାଜ ! ମୋତେ କାହିଁକି ବନ୍ଦୀ କରୁଛନ୍ତି ? ମୋର ଅପରାଧ ?

ରାଜା—ସେନାପତି ! ଆଉ ଅପରାଧ କଥା ପ୍ରକାଶ କରନାହିଁ । ମୋର ସର୍ବନାଶ କରିଛ । କୁମୁଦନୀ ଗଳାରେ ଛୁରିକାଘାତ କରି ଯେଉଁ ନିଷ୍ଠୁର କାର୍ଯ୍ୟ କରିଛ ତାହା ଭାବିଲା ବେଳକୁ ମୋର ହୃଦୟ ବିଦୀର୍ଣ୍ଣ ହେଉଛି—କଣ୍ଠ ରୁଦ୍ଧ ହୋଇ ଆସୁଛି । ସିପାହି ! ଶୀଘ୍ର ସେନାପତିଙ୍କୁ ବନ୍ଦୀଗୃହେ ରଖ ।

ସେନାପତି—ମହାରାଜ ! ଆପଣଙ୍କର କଣ ବିଶ୍ୱାସ ମୁଁ ରାଣୀଙ୍କୁ ହତ୍ୟା କରିଛି ? କି ଆଶ୍ଚର୍ଯ୍ୟ ! ଏ ବଚନ ଶୁଣିଲା ମାତ୍ରେ

ମୋର ହୃଦୟ ଥର ଉଠୁଛି । ପୁତ୍ର ହୋଇ ମା'ର ଗଳାରେ ଛୁରୀ ପ୍ରହାର କରୁଛି ? ମହାରାଜ ! ଯେମା କରନ୍ତୁ—ଏ ବିଶ୍ୱାସ କେବେ ମନ ମଧ୍ୟରେ ସ୍ଥାନ ଦିଅନ୍ତୁ ନାହିଁ । ମୁଁ କେବେହେଁ ରାଣୀଙ୍କୁ ହତ୍ୟା କରିନାହିଁ । ବନ୍ଧୀରୁ ମୁକ୍ତ କରନ୍ତୁ । ସିପାହି ! ରାଣୀଙ୍କୁ ପର ଶିଖରସିଂହ ହତ୍ୟା କରିଥିଲ ମୁଁ ଶୁଣିଥିଲି—ପୁଣି ମୋ କଥା କିଏ କହିଲା ? ତୋର ବିଶ୍ୱାସ ହେଉଛି ନା ?

ରାଜା—ଏହା କହିଲେ କି ମୋର ହୋଇବ ବିଶ୍ୱାସ ?

ନୁହେଁ ତାହା—

ପ୍ରକୃତରେ ତୁମେ

ବଧିଅଛ ରାଣୀଙ୍କୁ ମୋହର ।

ସେନାପତି !

ବିଶ୍ୱାସରେ ଦେଇଥିଲି ଛୁରି—

ସେ ଛୁରି ପ୍ରହାର କଲ ରାଣୀ ଗଲେ ।

କଲ ସର୍ବନାଶ ।

ବଧିଲ ରାଣୀଙ୍କୁ—

ପୁଣି ବଧ ମୋର ପ୍ରାଣ ।

ସେନାପତି । ସେନାପତି !

ହତ୍ୟାକର ଶୀଘ୍ର ମୋତେ ।

ଭୟ କାହିଁ ପାଇଁ ?

ସିପାହି, ଆଣ ଅସ୍ତ୍ର—'

ଦିଅ ସେନାପତି ହସ୍ତେ;

ଧର ଏହି ଅସ୍ତ୍ର ସେନାପତି !
ବିଦ୍ଧ କର ବୁକୁରେ ମୋହର ।
ଯେଉଁ ଅସ୍ତ୍ରେ ବଧିଲ ରାଣୀଙ୍କୁ—
ସେହି ଅସ୍ତ୍ରେ ବଧ ମୋର ପ୍ରାଣ ।
ସେନାପତି !
ଭୟ କାହିଁପାଇଁ ?
ଶୀଘ୍ର କର ହତ୍ୟା ।

ସେନାପତି—ଏତେ ବ୍ୟସ୍ତ କାହିଁକି ? ମହାରାଜ ! ଧୈର୍ଯ୍ୟ ଧରନ୍ତୁ, ଅଧୈର୍ଯ୍ୟ ହୁଅନ୍ତୁ ନାହିଁ । ମୁଁ ରାଣୀଙ୍କୁ ହତ୍ୟା କରିଛି ବୋଲି କିଏ ପ୍ରମାଣ ଦେଇଛି ?

ରାଜା—ପ୍ରମାଣ ? କି ପ୍ରମାଣ ଖୋଜୁଛ ସେନାପତି ! ଏହି ନିଅ ପ୍ରମାଣ । ( ଚିଠି ଦେବା )

ସେନାପତି—ପ୍ରହରୀ, ହସ୍ତ ଖୋଲିଦିଅ—ମୁଁ ଟିକିଏ ଚିଠି ପଢ଼େ ।

ପ୍ରହରୀ—ତାହା ହୋଇ ପାରିବ ନାହିଁ—ରଜାଙ୍କର ହୁକୁମ ନାହିଁ ।

( ସେନାପତିଙ୍କର ପତ୍ର ପଠନ )

ସେନାପତି—ମହାରାଜ ! ଆପଣ କଣ ବୁଝିଲେ ? ମୁଁ ରାଣୀଙ୍କୁ ହତ୍ୟା କରିଛି ବୋଲି ଏ ପତ୍ର ଲେଖାରୁ ଜଣା ଯାଉନାହିଁ ।

ରାଜା—ପ୍ରକୃତରେ 'ରାଣୀଙ୍କୁ ତୁମ୍ଭେ ହତ୍ୟା କରିଛ ବୋଲି ପତ୍ରରେ ଲେଖା ଅଛି ।

ସେନାପତି—ନାଁ ମହାରାଜ ! ଆପଣଙ୍କର ବୁଝିବା ଭ୍ରମ । ଏହି ଶୁଣନ୍ତୁ ମୁଁ ପତ୍ର ପଢ଼ୁଛି—କିଏ ରାଣୀଙ୍କୁ ହତ୍ୟା କରିଛି ଏଥିରୁ ବୁଝାଯିବ ।

( ସେନାପତି, ପତ୍ର ପଢ଼ି ରାଜାଙ୍କୁ ବୁଝାଇଦେବା )

ସ୍ୱାମିନ୍ !

ମୋ ପ୍ରାଣ ବିନାଶିଖରେ ନେବ ରାଜଗାଙ୍କ ଭ୍ରାତ ସେନାପତି ପୁଣି ରାତରେ ମୋ ନିକଟରେ ଉଭାହେଲା । ପ୍ରଥମ ଖଣ୍ଡା ପ୍ରହାର ମୋ ସ୍କନ୍ଧ ଦେଶେ ଭେଟିବାରୁ ମୁଁ ଚିତ୍କାର କଲି । ସେ ରାକ୍ଷସ ଭୟରେ ପଳାୟନ କଲା । ଏହି ଅବସରରେ ମୁଁ ପତ୍ର ଲେଖୁଛି । ଆପଣ ସାବଧାନ ଥିବେ—ଏଣିକି କି ଘଟଣା ଘଟିବ, ଈଶ୍ୱର ଜାଣନ୍ତି । ଯଦି ପୁଣି ଫେରିବ ନିଶ୍ଚୟ ମୋତେ ହତ୍ୟା କରିବ ।

ଆପଣଙ୍କର ପଦସେବିକା
ରାଣୀ—ଶ୍ରୀମତୀ କୁମୁଦିନୀ ଦେବୀ

ରାଜା—ନା, 'ତୁମ୍ଭେ ହତ୍ୟା କରିନାହିଁ—ଶିଖରସିଂହ ଛୁରିତରେ ହତ୍ୟା କରିଛି । ଆଚ୍ଛା, ଶିଖରକୁ କି ଦଣ୍ଡ ଦେବା ସେନାପତି ?

ସେନାପତି—ମହାରାଜ ! ଆପଣ ତ ଶୂଳି ଦଣ୍ଡ ଦେବାପାଇଁ ଆଦେଶ କରିଛନ୍ତି, ମୁଁ ଆଉ କଣ କହିବି ?

ରାଜା—ତେବେ ଚାଲନ୍ତୁ ।

—(୦)—

## —ତୃତୀୟ ଦୃଶ୍ୟ—

( କେତେଗୁଡ଼ିଏ ପ୍ରଜା ଓ ନେତାଙ୍କ ନାଗରା ଧରିକି ପ୍ରବେଶ )

ନେତାଙ୍କ ବୀରେନ୍ଦ୍ର—ଗ୍ରାମେ ଗ୍ରାମେ ପ୍ରକାଶ କରିଦିଅ—ସେନାପତିଙ୍କ ଅତ୍ୟାଚାରରେ ରାଜ୍ୟରେ ଅରାଜକତା ଉପସ୍ଥିତ ହେବ । ସମସ୍ତ ପ୍ରଜା ମିଳି ଆଇନ ଅମାନ୍ୟ କରନ୍ତୁ । ଆଜିଠାରୁ ରାଜକର ବନ୍ଦ କରାଯାଉ । ସମସ୍ତ ପ୍ରଜା ଏକ ସ୍ୱରରେ ଯୁବରାଜ ଅଜୟଚନ୍ଦ୍ରଙ୍କର ଜୟଧ୍ୱନି କରି ସେନାପତିଙ୍କର କଠୋର ଦଣ୍ଡ ଆଗରେ ଅକାତରେ ଠିଆ ହୁଅନ୍ତୁ ।

( ନାଗରା ବଜାଗଲା—ଏହିସମୟରେ ଦୁଇଜଣ ସିପାହୀ ଓ ରାଜାଙ୍କର ତହସିଲ୍‌ଦାର ପ୍ରବେଶ କଲେ )

ତହସିଲଦାର—ଏ କି ଘୋଷଣା ?

ବୀରେନ୍ଦ୍ର—ଆପଣ କଣ ବୁଝି ପାରୁନାହାନ୍ତି ? ଏଠା ଦେଶ ଆଇନ ଅମାନ୍ୟ ପାଇଁ ଘୋଷଣା କରା ଯାଉଛି । ଆଜିଠାରୁ ରାଜକର ବନ୍ଦ କରାଗଲା ।

ତହସିଲଦାର—ଏ ରାଜ୍ୟଟା କଣ ତୁମର ?

ବୀରେନ୍ଦ୍ର—ନାଁ, ମୋର ନୁହେଁ—କିନ୍ତୁ ତୁମ୍ଭର ମଧ୍ୟ ନୁହେଁ । ରାଜ୍ୟଟା କେବଳ ପ୍ରଜାଙ୍କର । ପ୍ରଜା ତାଙ୍କର ନିଜ ଇଚ୍ଛାରେ ରାଜା ନିଯୁକ୍ତ କରି ପାରନ୍ତି । ସେମାନେ ଯେତେବେଳେ ଦେଖୁଛନ୍ତି ରାଜାଙ୍କର ନିଜତ୍ୱ କିଛି ନାହିଁ, ସାମାନ୍ୟ ସେନାପତିର ପ୍ରେରଣାରେ ଭୁଲି ବହୁତ ଅନ୍ୟାୟ କାର୍ଯ୍ୟ କରୁଛନ୍ତି, ରାଜ୍ୟରେ କୌଣସି ମଙ୍ଗଳ କାର୍ଯ୍ୟ ଓ ପ୍ରଜା

ମାନଙ୍କର ସୁବିଧା ଶୃଙ୍ଖଳା ଉପରେ ଆଦୌ ଦୃଷ୍ଟି ଦେଉ ନାହାନ୍ତି । ତେଣୁ ପ୍ରଜାମାନେ ନିଜ ରାଜ୍ୟଟାକୁ ଧ୍ୱଂସ ଅବସ୍ଥାକୁ ଦେଖିବେ କିପରି ? ସେଥିପାଇଁ ସେମାନେ ଆଇନ ଅମାନ୍ୟ ପ୍ରଥା ଅବଲମ୍ବନ କରୁଛନ୍ତି ।

ତହସିଲଦାର—ବୀରେନ୍ଦ୍ର ! ତୁମ୍ଭେ ରାଜଦ୍ରୋହୀ ଦୋଷରୁ ମୁକ୍ତି ପାଇବ କିପରି ? ମୁଁ ଶୁଣିଛି ତୁମ୍ଭେ ପ୍ରତ୍ୟେକ ଗ୍ରାମରେ ସଭା ସମିତି ବସାଇ ସାରା ରାଜ୍ୟରେ ବିଦ୍ରୋହାଗ୍ନି ଜାଳି ଦେଉଛ । ତାର ଫଳ ବଡ଼ ବିଷମୟ । ସାବଧାନ ବୀରେନ୍ଦ୍ର !

ବୀରେନ୍ଦ୍ର—ଆଜ୍ଞା, ଆପଣଙ୍କ କାର୍ଯ୍ୟରେ ଆପଣ ଚାଲି ଯାଆନ୍ତୁ । ଏ ଧମକ ବୀରେନ୍ଦ୍ରକୁ ଦିଅନ୍ତୁ ନାହିଁ । ଆପଣ ଯାଉଛନ୍ତି କୁଆଡ଼େ ?

ତହସିଲଦାର—ଯାଉଛି ବଳୀରାମ ଘରକୁ, ତାର ଘର କୋରକ୍ ହେବ । ଆରେ ହେ ନାଗରାବାଲା ! ତୁ ଆସିଲୁ ମୋ ସାଙ୍ଗରେ । କିରେ ଶୁଣୁ ନାହୁଁ କି ? ଏ ନାଗରାବାଲା !

( ଡାକିବା )

ନାଗରାବାଲା—କାହିଁକି ବକ୍ ବକ୍ ହେଉଛ ହୋ ! ମୁଁ ଯାଇ ପାରିବି ନାହିଁ ।

ତହସିଲଦାର—ଅଲବତ ଯିବୁ । ତୋ ବାବା ଯିବ ।

ନାଗରାବାଲା—ତୋର ଖାଏଁ—ନା ତୋ ବାବାର ଖାଏଁ ?

ତହସିଲଦାର—ଏ ସିଆଡ଼ ! ଦେଖିଲେ କିବୁଝି ଏ ଟୋକାର କେଡ଼େ ମଗଜ !

ସିପାହୀ*—(ମାଡ଼ ଦେଇ) ଅବେ ! ଛାହାକୁ କେଉଁ କଥା କହନ୍ତି ତୁ ଜାଣିନାହୁଁ ? ଏ ସବୁ ତହସିଲଦାର ବାବୁ ! ଚାଲବେ, ଚାଲ ।— ( ଧକ୍କା ଦେବା )

ବୀରେନ୍ଦ୍ର—ସାବଧାନ ସିପାହି ! ଅତ୍ୟାଚାର ବନ୍ଦ କର । କାହ ଉପରେ ଅତ୍ୟାଚାର କରୁଛ ?

ତହସିଲଦାର—ଚୁପ୍ କର ବୀରେନ୍ଦ୍ର ! ବର୍ତ୍ତମାନ ତୁମର କିଛି କହିବାର ନାହିଁ ।

ବୀରେନ୍ଦ୍ର—ତୁମ୍ଭେ କୌଣସି ପ୍ରଜା ଉପରେ ଅତ୍ୟାଚାର କର ପାରିବ ନାହିଁ ; ସେମାନେ ଯେ ତୁମ୍ଭର ନୁହନ୍ତି ।

ତହସିଲଦାର—ବୀରେନ୍ଦ୍ର ! ତୁ କଣ ରଜା ହୋଇଗଲୁଣି ? ରାଜ-କର୍ମଚାରୀଙ୍କ ଉପରେ ଏତେ ଧମକ ?

ପ୍ରଜା—(ଜୟରାମ ତହସିଲଦାରଙ୍କଠାରୁ କାଗଜ ପତ୍ର ଛଡ଼ାଇନେବା) ବୀରେନ୍ଦ୍ର ଧମକଟା କଣ ଖାତର ହେଲା ନାହିଁ ନା ?

( ଏଣେ ଦୁଇଜଣ ପ୍ରଜା ସିପାହିଠାରୁ ବନ୍ଧୁକ ଛଡ଼ାଇନେବା ଓ ମାଡ଼ ଦେବା—ତହସିଲଦାର ଉପରେ ମଧ୍ୟ ମାଡ଼ ଦେବା )

ଜୟରାମ—ସୁବଳ ! ତୋ ନାଗରାଟା ଆଣି ଏ ତହସିଲଦାରଙ୍କ ବେକରେ ଦେଇଦେ । ତହସିଲଦାର ବାବୁ ! ଏବେ ନାଗରା ବଜାଅ !

( ତହସିଲଦାରଙ୍କ ଉପରେ ମାଡ଼ ହେବାରୁ ସେ ନାଗରା ବଜାଇ "ରାଜକର ବନ୍ଦ କର" ବୋଲି ଘୋଷଣା କରିବା—ସିପାହୀମାନଙ୍କ ପଳାୟନ ଓ ତତ୍ପଶ୍ଚାତ ସମସ୍ତଙ୍କର ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

( ସେନାପତିର ପ୍ରବେଶ )

ସିପାହୀ—ନମସ୍କାର ସେନାପତି ବାବୁ !

ସେନାପତି—ରାଜ୍ୟର ଖବର କଣ ?

ସିପାହୀ—ପ୍ରଜାମାନେ ଅସହଯୋଗ ଆନ୍ଦୋଳନ କରି ଆଇନ ଅମାନ୍ୟ ଘୋଷଣା କରୁଛନ୍ତି । ସେଥିରେ ଆମ୍ଭେ ବାରଣ କରିବାରୁ ଆମ୍ଭ ଉପରେ ଭୟଙ୍କର ଅତ୍ୟାଚାର ହୋଇଛି । ତହସିଲଦାର ବାବୁ ପ୍ରାଣରେ ଅଛନ୍ତି କି ନା ତାହା କହି ପାରିବୁ ନାହିଁ । ଆମ୍ଭମାନଙ୍କର ବନ୍ଧୁକ ପ୍ରଜାମାନେ ବଳପୂର୍ବକ ଛଡ଼ାଇ ନେଇଛନ୍ତି ।

ସେନାପତି—ଏ ରାଜଦ୍ରୋହ କାର୍ଯ୍ୟର କର୍ତ୍ତା କିଏ ?

ସିପାହୀ—କର୍ତ୍ତା ବୀରେନ୍ଦ୍ର ସିଂହ । ତାଙ୍କର ଚମତ୍କାର ବକ୍ତୃତା ବଳରେ ଅହମେଦା ନଗରର ସମସ୍ତ ପ୍ରଜାମଣ୍ଡଳ ପ୍ରାଣବଳି ଦେବାକୁ ଉତ୍ସାହିତ । ଶୁଣାଯାଏ ସମସ୍ତ ପ୍ରଜା ମିଳି ଅଳ୍ପଦିନ ମଧ୍ୟରେ ଏ ରାଜବାଟୀର ଧନ ଲୁଟ୍‌ପାଟ୍ କରିନେବେ । ଯୁବରାଜ ଅଜୟସିଂହଙ୍କୁ ରାଜଗାଦିରେ ବସାଇବେ ।

ସେନାପତି—ପ୍ରଜାମାନଙ୍କର କି କ୍ଷମତା ଅଛି ସେମାନେ ଅଜୟଙ୍କୁ ସିଂହାସନରେ ବସାଇବେ ? ଆଚ୍ଛା, ଆଚ୍ଛା ମୁଁ ପ୍ରଜାଶାସନ ପାଇଁ ଯଥେଷ୍ଟ ପ୍ରତିକାର କରୁଛି ।

( ରାଜା ପ୍ରବେଶ କଲେ )

ରାଜା—ସେନାପତି ! ରାଜ୍ୟ ସାରା ବିଦ୍ରୋହାଗ୍ନି ଦେଖାଦେଲା । ପ୍ରଜାମାନେ ସମସ୍ତେ ରାଜଦ୍ରୋହ କାର୍ଯ୍ୟରେ ମାତି ଉଠିଲେ । ଏହାର କାରଣ ଅଜୟର ବନ୍ଦୀ । ଅଜୟକୁ ବନ୍ଦୀରୁ ମୁକ୍ତ କରି ଦେଲେ ହୁଏତ ସମସ୍ତ ପ୍ରଜା ଶାନ୍ତ ହୋଇଯାନ୍ତେ ।

ସେନାପତି—ରାଜା ହୋଇ ପ୍ରଜାଙ୍କୁ ଏପରି ଭୟ କଲେ କି ଚଳେ ? ଅଜୟକୁ ବନ୍ଦୀରୁ ମୁକ୍ତ କରି ଦେଲେ ରାଜଗାଦି ତ ଆପଣଙ୍କର ହୋଇ ରହିବ ନାହିଁ—ହେବ ସରଳାର ।

ରାଜା—ସରଳା କଣ ଜୀବନରେ ଅଛି ?

ସେନାପତି—ନାହିଁ ତ ପ୍ରଜାମାନଙ୍କୁ ମତାଇ ଏ କାର୍ଯ୍ୟ କରୁଛି କିଏ ?

ରାଜା—ଯାହା ହେଉ ଅଜୟକୁ ମୁକ୍ତ କରିବା ଉଚିତ ।

ସେନାପତି—ତାହାହେଲେ ଅଜୟଙ୍କର କବଳରେ ପଡ଼ିବାକୁ ହେବ ।

ରାଜା—ବିପଦରେ କଣ ପଡ଼ି ନାହାନ୍ତି ? ରାଜ୍ୟ ଯେ ହାତରୁ ଯିବାକୁ ବସିଲାଣି ।

ସେନାପତି—ମୋ ହାତରେ ପୂର୍ଣ୍ଣ କ୍ଷମତା ଦିଅନ୍ତୁ—ମୁଁ ଘଣ୍ଟାକ ମଧ୍ୟରେ ପ୍ରଜାମାନଙ୍କୁ ଶାସନ କରିଦେବି ।

( ରାଜାଙ୍କର ଗୁମାନ ହେବାର ଦେଖି )

ସେନାପତି—ଆପଣ ଗୁମାନ ହେଲେ କାହିଁକି ?

ରାଜା—ଗୁମାନ ହୋଇଛି ତୁମ୍ଭର କାର୍ଯ୍ୟ ଦେଖି ।

( ଚର ପ୍ରବେଶ )

ଚର—ମହାରାଜ ! ଆପଣଙ୍କର ପ୍ରଜାମାନେ ଆସି ଖଜଣାଖାନା ଲୁଟି କରି ନେଉଛନ୍ତି । ଦଶଜଣ ସିପାହୀଙ୍କର ମୃତ୍ୟୁ ହୋଇଛି ।

ରାଜା—ଦେଖିଲ ସେନାପତି ! ପ୍ରଜାମାନଙ୍କର କି ଅତ୍ୟାଗ୍ରହ ? ଶୀଘ୍ର ଅଜୟଙ୍କୁ ବନ୍ଦୀମୁକ୍ତ କର ।

ସେନାପତି—ଆଜ୍ଞା, ଅଜୟର ମୁକ୍ତି ସମ୍ବନ୍ଧେ କାଲି ମୁଁ ଆପଣଙ୍କୁ ସିଦ୍ଧାନ୍ତ ଜବାବ ଦେବି । ଆଜି ରାଜଉଦ୍ୟାନ ଲୁଟ୍ ପାଟ୍ ର ରକ୍ଷା ପାଇଁ ପ୍ରତିକାର କରିବେଁ ।

ରାଜା—ସେନାପତି ! ମୋ ମନରେ ଘୋର ଅଶାନ୍ତି ଜାଗୁଛି । ମୁଁ ଅନେକ ପ୍ରଜାଙ୍କଠାରୁ ବୁଝିଛି ଯେ ରାଣୀଙ୍କୁ ହତ୍ୟା କରିଛି

ସେନାପତି—ଯେତେବେଳେ ପ୍ରଜାଗଣ ବିଦ୍ରୋହୀ—ସେତେବେଳେ ମୋ ବିରୁଦ୍ଧରେ ସାକ୍ଷ ଦେବା ଅସମ୍ଭବ କଣ ? ସେଥିରେ ମୁଁ ଆଦୌ ଦୋଷୀ ନୁହେଁ ।

ରାଜା—ଅଚ୍ଛା ତୁମ୍ଭେ ଯାଅ—ବିଦ୍ରୋହୀଦଳଙ୍କୁ ଦମନ କର ।

ସେନାପତି—ମହାରାଜ ! ପ୍ରଜାଙ୍କର ଯେଉଁ ବିଦ୍ରୋହାଚରଣ ହେଉଛି ମୁଁ ବୁଝି ପାରୁଛି, ଆପଣଙ୍କ ଜୀବନ ପ୍ରତି ବାଧା ଘଟିପାରେ । ଏଣୁ ଦୁଇଜଣ ଅଙ୍ଗରକ୍ଷକ ଆପଣଙ୍କୁ ନିରାପଦରେ ରଖିବା ପାଇଁ ଦିଆଯାଉଛି—ସେମାନେ ଆପଣଙ୍କ ନିକଟରେ ପହରା ଦେବେ ।

( ରାଜାଙ୍କର ପ୍ରସ୍ଥାନ ଓ ସିପାହୀ ଦୁଇଜଣଙ୍କର ପ୍ରବେଶ )

ସେନାପତି—ସିପାହୀ ! ତୁମ୍ଭେ ଦୁଇଜଣ ରାଜାଙ୍କ ଅଙ୍ଗରକ୍ଷକରୂପେ ରହି ରାତ୍ରରେ ରାଜାଙ୍କର ଶୟନ ଗୃହରେ ପ୍ରବେଶ କରି ଗୁପ୍ତ ଭାବରେ ହତ୍ୟା କର ।

ସିପାହୀ—ଯାଉଁଛୁ ସେନାପତି ବାବୁ ! ଆମକୁ କି ପୁରସ୍କାର ମିଳିବ ?

ସେନାପତି—ଏକ ଲକ୍ଷ ଟଙ୍କା । ଯାଅ—

## —ପଞ୍ଚମ ଦୃଶ୍ୟ—

( ବନ୍ଦୀଶାଳା )

( ସିକନ୍ଦର ପତ୍ର ପଠନ ଏବଂ କନ୍ଦନ )

ଅଜୟ—ଏ କଣ ସିକନ୍ଦର ! ତୁମ୍ଭେ କାନ୍ଦୁଛ ?

ସିକନ୍ଦର—କଣ କହିବ ଭାଇ ! ଆମ୍ଭ ଚିଠି ବାକ୍ସରୁ ବର୍ତ୍ତମାନ ଖଣ୍ଡିଏ ଚିଠି ପାଇଲି । ଦେଖନ୍ତୁ, ତହିଁରେ ଲେଖାଅଛି—ଆଜି ରାତରେ ପିତାଙ୍କ ଶୟନ ମନ୍ଦିରରେ ଦୁଇଜଣ ସିପାହି ପିତାଙ୍କ ପ୍ରାଣରକ୍ଷାର୍ଥେ ଜଗୁଆଳ ରହିବେ । ତାହା ସେନାପତି ବନ୍ଦୋବସ୍ତ କରିଛନ୍ତି । ସେ କହୁଛନ୍ତି—ରାଜ୍ୟରେ ସମସ୍ତ ପ୍ରଜା ବିଦ୍ରୋହୀ ହେଲେଣି—ସେମାନେ ନିଶ୍ଚୟ ରାଜାଙ୍କର ଅନିଷ୍ଟ କରି ପାରନ୍ତି । ତେଣୁ ଅଙ୍ଗରକ୍ଷକ ଦୁଇଜଣ ରାଜପୁର ପଠାଯାଇଛି ।

ଅଜୟ—ଏଡ କଣ ହୋଇଛି ସିକନ୍ଦର ! କାନ୍ଦିବାର କଥା କଣ ଅଛି ?

ସିକନ୍ଦର—ଭାଇ ! କାନ୍ଦିବାର କଥା ଏହି ଯେ, ପିତାଙ୍କର ମୃତ୍ୟୁ ହେବ । ଯେଉଁ ଅଙ୍ଗରକ୍ଷୀ ନିଯୁକ୍ତ ହୋଇଛନ୍ତି, ସେହିମାନେ ପିତାଙ୍କୁ ହତ୍ୟା କରିବେ ।

ଅଜୟ—ଚିନ୍ତା କରନାହିଁ ସିକନ୍ଦର ! ମୁଁ ତାହାର ପ୍ରତିକାର କରୁଛି । ସରଳ ! ତୁମ୍ଭେ ଆଜି ରାଜପୁର ଯାଅ । ଏହି ପତ୍ର ଖଣ୍ଡିକ ନେଇ ପିତାଙ୍କୁ ଦିଅ ଏବଂ ଆଜି ରାତରେ

ତାଙ୍କ ଶୟନ ମନ୍ଦିରରେ ଜଗିଥିବ—ଯେପରି ପିତାଙ୍କର ପ୍ରାଣରକ୍ଷା ହେବ ତାହାର ପ୍ରତିକାର କର । କିନ୍ତୁ ତୁମ୍ଭେ ଗୁପ୍ତ ଭାବରେ ଏ କାର୍ଯ୍ୟ କରିବ । ପିତା ଯେପରି ଜାଣି ପାରିବେ ଯେ ସେନାପତି ତାଙ୍କର ଅନିଷ୍ଟ ଚିନ୍ତା କରୁଛନ୍ତି ।

( ପ୍ରସ୍ଥାନ )

—(୦)—

## —ଷଷ୍ଠ ଦୃଶ୍ୟ—

( ରାଜବାଟୀ )

( ରାଜା ଏକାକୀ ମୌନାବସ୍ଥାରେ ବସିଥିଲେ—ସିଂହଦ୍ୱାରରେ ଅଙ୍ଗରକ୍ଷକ ଦୁଇଜଣ ପହରା ଦେଉଥିଲେ—ସରଳା ନାରୀ ବେଶରେ ପ୍ରବେଶ କଲେ )

ସରଳା—ପ୍ରହରୀ ! ରାଜାଙ୍କୁ ସାକ୍ଷାତ କରିବା ପାଇଁ ମୋତେ ଛାଡ଼ିଦିଅ ।

ସିପାହୀ—ତୁମ୍ଭେ କିଏ ?

ସରଳା—ଭାଗ୍ୟହୀନା, ଅନାଥିନୀ ନାରୀ ମୁହିଁ,
ରାଜଦ୍ରୋହୀ ସ୍ୱାମୀଙ୍କୁ ମୁଁ ବସିଛି ହରାଇ ।
କାଲି ଘଟିଅଛି ଯାହା—
ଭାବିଲ ବେଳକୁ ତାହା ହୃଦ ଯାଏ ଫାଟି—
ଝରିପଡ଼େ ନୟନୁ ଲୋତକ ।

ଆସିଅଛି ଦୟାମୟୀ ନୃପତି ନିକଟେ—
ନିବେଦିବ ଦୁଃଖିନୀର ଦୁଃଖ ।

ସିପାହୀ—କି ଘଟଣା ଘଟିଅଛି କାଲି ?
ଢାଳୁଛ କାହିଁକି ନେତ୍ରୁ ଲୋତକ ସର୍ବଦା ?

ସରଳା—ବର୍ଣ୍ଣିବାକୁ ନାହିଁ ମୋର ଭାଷା,
ସ୍ୱାମୀ ମୋର ବୀରେନ୍ଦ୍ର,
ସ୍ୱଦେଶ ପ୍ରେମିକ;
କରୁଥିଲେ ସଭା ଏକ—
ଏକତ୍ର କରାଇ ସର୍ବ ଗରିବ ପ୍ରଜାଙ୍କୁ ।
ରାଜଦ୍ରୋହ କାର୍ଯ୍ୟ ତଥା ଆଇନ ଅମାନ୍ୟ,
ରାଜଧନ ଲୁଟ୍ ପାଟ୍ ଆଦି ଯେତେ କର୍ମ
ହେଉଥିଲା ପ୍ରସ୍ତାବ ସେଠାରେ ।
ଅକସ୍ମାତ୍ ସେନାପତି ଶୁଣି ସେହୁକଥା,
ରୁଷିଲେ ଆଦେଶ ଦେଲେ ରାଜ ଫଉଜଙ୍କୁ ।
ସଭାର ମଧ୍ୟରେ ଯାଇ ଶତ ଶତ ସୈନ୍ୟ,
ଗୁଳିମାଡ଼େ କଲେ ସଭା ବିଧ୍ୱଂସ ନିର୍ଦ୍ଦୟେ ।
ସଭା ଭଙ୍ଗ କରି,
ସୈନ୍ୟେ ଘେରିଲେ ସ୍ୱାମୀ ବୀରେନ୍ଦ୍ର ମୋହର ।
ଚିତ୍କାର ଶୁଣିଣ ବେଗେ ଧାଇଁଲି ପଥକୁ—
ଦେଖିଲି ମୁଁ,
ବୀରେନ୍ଦ୍ର ପଛରେ ଦୁଇଗୋଟି ଫୌଜ,
ଗୁଡ଼ୁମ୍ ଗୁଡ଼ୁମ୍ କଲେ ବେଗେ ବନ୍ଧୁକ ଫାଇର୍ ।

ସ୍ୱାମୀ ମୋର ଭୂମିଶାୟୀ ହେଲେ ତତକ୍ଷଣେ ।
ଧାଇଁ ଯାଇ କଲି କୋଳାଗ୍ରତ,
ଦେଖିଲି ବୁକୁରେ—
କ୍ରୂର ଫୌଜଙ୍କର ଗୁଳମାଡ଼ ନେଇଛି ଜୀବନ ।

ସିପାହୀ—କାନ୍ଦନା ସୁନ୍ଦରୀ ! ଯାଅ ରାଜାଙ୍କୁ ସାକ୍ଷାତ କର । ଅଚ୍ଛା, ତୁମ୍ଭେ ତୁମ୍ଭର ଜୀବନ କିପରି ଭାବରେ କଟାଇବାକୁ ଇଚ୍ଛା କରିଛ ?

ସରଳା—ବୀରର ବନିତା ମୁଁ
ବୀର ମୋର ଆଦରର ଧନ ।
ରାଜପୁରେ ହେଉ କମ୍ପା,
ବୀରପୁରେ ହେଉ
ବୀରର ପଦସେବାରେ ରଖିବି ଜୀବନ ।

ସିପାହୀ—ଅଚ୍ଛା ତୁମ୍ଭେ ଯାଅ, ରାଜାଙ୍କୁ ସାକ୍ଷାତ କରି ଫେରି ଆସିବ ।। ତୁମ୍ଭସଙ୍ଗେ କଥାବାର୍ତ୍ତା ଅଛି । ( ପ୍ରସ୍ଥାନ )

(ରାଜାଙ୍କୁ ସରଳାର ପତ୍ରଦେବା ଓ ରାଜାଙ୍କର ପତ୍ର ପଠନ)

ପରମ ପୂଜ୍ୟପାଦ ପିତୃଦେବ ମହୋଦୟ ଶ୍ରୀଚରଣକମଳେଷୁ,
ଶତକୋଟି ପ୍ରଣାମାନନ୍ତର ନିବେଦନ ମିଦଂ ।

ପିତଃ !

ଏ ଅନାଥିନୀ ହରାଇଛି ସ୍ୱାମୀକୁ ତାହାର—ଆପଣଙ୍କ ସେନାଙ୍କ କୋପରେ । ଅନାଥିନୀ ହୋଇ ଏ ବୁଲୁଛି, ରାଜପୁରେ ଏହାକୁ ସ୍ଥାନ ଦିଅନ୍ତୁ । ଆପଣ ହୋଇବେ ନିଶ୍ଚେ ବହୁ ଉପକୃତ—ଏ ନାରୀକୁ

ଆଶ୍ରୟଟି ଦେଲେ । ରାଜଦ୍ରୋହ କାର୍ଯ୍ୟେ ମାତ ଲକ୍ଷ ଲକ୍ଷ ପ୍ରଜା—ଗତ କାଲି ହୋଇଛନ୍ତି ଧ୍ୱଂସ—ନିଷ୍ଠୁର ସେନାପତିଙ୍କ ଗୁଳି ପ୍ରୟୋଗରେ । ସେହି ଦୁର୍ଦ୍ଦଶାରେ ଏ ଅଭାଗିନୀ ନାରୀ, ହରାଇଛି ପତିକୁ ତାହାର । ଇତି ।

ଆପଣଙ୍କର ଅଧୀନ—
ଯୁବରାଜ ଅଜୟକୁମାର

ରାଜା—ତୁମ୍ଭ ସ୍ୱାମୀର ନାମ କଣ ?

ସରଳା—ବୀରେନ୍ଦ୍ର ।

ରାଜା—ସେ କି କାର୍ଯ୍ୟ କରୁଥିଲେ ?

ସରଳା—ସେ ଅହମେଦା ନଗରର ପ୍ରଜାମାନଙ୍କର ନେତା ଥିଲେ । ସେ ରାଜଦ୍ରୋହ କାର୍ଯ୍ୟ କରୁଥିଲେ । ଆଇନ ଅମାନ୍ୟ କରି ପ୍ରଜାମାନଙ୍କୁ ମତାଇ ରାଜଧନ ଲୁଟ୍ ପାଟ୍ କରୁଥିଲେ ।

ରାଜା—ସେ ମଲେ କିପରି ?

ସରଳା—ରାଜାଙ୍କର ପଲଟନ ତାଙ୍କୁ ଗୁଳି ମାଡ଼ରେ ହତ୍ୟା କରିଛନ୍ତି ।

ରାଜା—ତୁମ୍ଭେ କଣ ଚାହଁ ?

ସରଳା—ମୁଁ ଚାହେଁ—ରାଜଧନରେ ମୋର ଉଦର ଭରଣ ପୋଷଣ ।

ରାଜା—ସେଥିପାଇଁ ଚିନ୍ତା ନାହିଁ । ଯାଅ ତୁମ୍ଭେ, ରାଜପୁରେ ଦାସୀ ମେଳରେ ରହିବ ।

(ରାଜପୁରେ ସରଳା ଦଣ୍ଡାୟମାନ—ସରଳାର ରୂପ ଦେଖି ସିପାହୀମାନେ ମୁଗ୍ଧ ଏବଂ ସରଳା ସହିତ କଥୋପକଥନ)

ସିପାହୀ—ତୁମ୍ଭ ସାଙ୍ଗରେ ଗୋଟାଏ ଭଲ କଥାବାର୍ତ୍ତା ଅଛି ।

ସରଳା—କଥା କଣ କହୁନାହାନ୍ତି ?

୧ମ ସିପାହୀ—ତୁମ୍ଭେ ତୁମ୍ଭର ଜୀବନଟାକୁ କିପରିଭାବେ କଟାଇବାକୁ ଚାହଁ ?

୨ୟ ସିପାହୀ—ହଇହେ, ତୁମ୍ଭେ କଣ ସେହି ମାଇକିନିଆଟା ପାଖରେ ସବୁବେଳେ ହେଁ ହେଁ ହେଉଛ—ରାଜପୁରରେ ପ୍ରହରୀ ହେବ ନାଁ ତା'ର ପାଖେ ବସିଥିବ ?

୧ମ—ଚୁପ୍ କର । କଣ ମାଇକିନିଆ ପାଖେ ନାଚୁଛି ? ଯାଃ, ଯାଃ; ମୁଁ ମୋର ଡ୍ୟୁଟି ପାଳନ କରୁଛି । ମୋର ଇଚ୍ଛା ।

୨ୟ—ଅହେ ! ସେ ମାଇକିନାଟା କଣ ତୋର ହେଲାଣି ?

୧ମ—ଅବେ, ମୋ ସଙ୍ଗେ ବେଶୀ ବକ୍ ବକ୍ କରନା—ଏ ପିସ୍ତଲ୍‌କୁ ଚାହଁ ।

୨ୟ—ଓଃ, ତୋର ପାଖେ ପିସ୍ତଲ ଅଛି, ଆଉ କାହା ପାଖେ ନାହିଁ ନା ? ତୁ [illegible]କାହା ଠେଇଁ ଦୃଷ୍ଟି ଦେଉଛୁ—ତୋର ଜୀବନ ମୋ ହାତରେ । ସେନାପତିଙ୍କ ଆଦେଶରେ ଆଜ ରାଜାର ପ୍ରାଣ ନେଇଥାନ୍ତି, କିନ୍ତୁ ଆଗେ ତୋର ପ୍ରାଣ ନେବି । ଜାଣିଥା, ସେ ନାରୀଠାରେ ତୋର ଅଧିକାର ନାହିଁ—ଅଛି ମୋହର ।

ମ—ନାରୀଠାରେ ତୋର ଅଧିକାର ଅଛି ? ସେ ନାରୀଟା ତୋହର ନାଁ ? ଏହୁ ଦେଖ୍ ତୁ କାହାର ।

( ଉଭୟଙ୍କର ଗୁଳି ଫଏର—ରାଜା ଗୁପ୍ତ ଭାବରେ ଉଭୟଙ୍କର ଥା ଶୁଣିବା ସମୟରେ ନିଜ ଦେହରେ ଗୁଳି ବାଜିଲା ଓ ରାଜାଙ୍କର ନ । ଦାସୀମାନେ ରାଜାଙ୍କୁ ପଲଙ୍କରେ ଶୁଆଇଦେବା ଓ ସିପାହୀ-ର ମୃତ୍ୟୁ । ଡାକ୍ତର ରାଜାଙ୍କର ନାଡ଼ୀ ପରୀକ୍ଷା କରିବା )

## —ସପ୍ତମ ଦୃଶ୍ୟ—

( ସେନାପତି ଓ ଜଣେ ଡାକ୍ତରଙ୍କର ପ୍ରବେଶ )

ସେନାପତି—ଡାକ୍ତରବାବୁ ! କଣ ଦେଖିଲେ ?

ଡାକ୍ତର—ବେଶି କିଛି ଡେଞ୍ଜରସ୍ ନୁହେଁ । ଗୋଡ଼ରେ ଗୁଳି ଭେଦ ହୋଇଛି । ଭଲ ମେଡ଼ିସିନ୍ ଦେଇଛି ଓ ବେଣ୍ଡେଜ୍ କରି ଦେଇଛି । ପ୍ରାୟ ଅଳ୍ପଦିନ ମଧ୍ୟରେ ଭଲ ହୋଇଯିବ ।

ସେନାପତି—ଗୋଟାଏ କଥା କହନ୍ତୁ ଡାକ୍ତରବାବୁ ! ଆପଣ ଯଦି ତାହା କରି ପାରିବେ—ତେବେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୁଁ ଦେଇ ପାରିବି ।

ଡାକ୍ତର—କି କାର୍ଯ୍ୟ ? ଟଙ୍କା ପାଇଲେ ଖୁବ୍ ବଡ଼ ବଡ଼ କାମ କରାଯାଏ । ଆମେ ତ ବ୍ୟବସାୟୀ—ଟଙ୍କା ପାଇଲେ ରୋଗୀର ଜୀବନ ଦେଇପାରୁଁ ଓ ନେଇପାରୁଁ । ସେଥିପାଇଁ ତ ଭୟ ନାହିଁ । କି କାର୍ଯ୍ୟ କରିବି କହନ୍ତୁ ନା ହାନ୍ତୁ ?

ସେନାପତି—ରାଜାଙ୍କର ଜୀବନ ନେବାକୁ ପ୍ରସ୍ତୁତ ହୋଇ ପାରିବ ?

ଡାକ୍ତର—ଅନାୟାସରେ ତାହା କରିପାରୁଁ ।

ସେନାପତି—ତେବେ ଆଜି ମଧ୍ୟରେ ତୁମ୍ଭେ ବିଷ ପ୍ରୟୋଗ କଲେ ଭଲ ହୁଅନ୍ତା ।

ଡାକ୍ତର—ତେବେ ଟ ଅ ଅ ଅ କା...... ?

ସେନାପତି—କଣ ଟଙ୍କା ନେବେ ?

ଡାକ୍ତର—ଦେଇଦେଲେ ଭଲ ହୁଅନ୍ତା ।

ସେନାପତି—ଅଧେ ଟଙ୍କା ନିଅନ୍ତୁ । ବାକି ଟଙ୍କା କାମ ହାସଲ ପରେ ପାଇବେ । ( ପ୍ରସ୍ଥାନ )

ଚର—ଦେବୀ ! ଆଜି ସାବଧାନ ରୁହନ୍ତୁ । ସେନାପତି ଡାକ୍ତର ପଠାଇଅଛନ୍ତି । ଡାକ୍ତର ବିଷ ପ୍ରୟୋଗ କରି ରାଜାଙ୍କୁ ମୃତ୍ୟୁ ମୁଖରେ ପକାଇବ । ( ପ୍ରସ୍ଥାନ )

[ରାଜାଙ୍କର ଶୟନ—ଡାକ୍ତରଙ୍କର ନାଡ଼ୀ ପରୀକ୍ଷା—ଷ୍ଟେଥସ୍କୋପ ପ୍ରୟୋଗ—ସରଳା ଝରକା ପଛରେ ଗୋଟିଏ କୋଠରୀ ସଜାଇ ମନମୁଗ୍ଧକର ଗୀତ ଗାଉଥିଲେ । ଡାକ୍ତର ଗାନ ଶୁଣି ଶୁଣି ସ୍ତବ୍ଧ ହୋଇ ଗୀତର ଅନୁସରଣ କରି ସରଳା ମନ୍ଦିରରେ ପ୍ରବେଶ କଲେ ]

ସରଳା—(ଗାନ)—(ସନ୍ଧ୍ୟାରାଣୀ ଛବି ଦେଖି—ବୃନ୍ଦେ)

ଆସ ଆସ ମଧୁକୀଟ ମଧୁଆ, ଗୁଳିଆ,
ବଉଳ ବନେ ନାଚିବୁ ତାନେ
ମଧୁର ଟାଣି ଖାଆ ।
ମିଳଣୀ ତୋର ହେଲେ ଅନ୍ତର,
ନାଚିବୁ ତୁହି ସେହି ସ୍ଥାନର;
ଭଉଁରୀ ଗୋଲ ସଚୋଗ ବୋଲାଇ
ପରାଗ ବୋଲି ଯାଆ ।
ଲାଜରେ ତୁହି ନ ଯିବୁ ସଢ଼ି,
ପର ପ୍ରେମରେ ନ ଯିବୁ ପଡ଼ି;
ଉଡଣା ଟାଣି ଫୁଲ ବଉଣୀ
ହାତରେ ଧରି ଥାଆ ।

ଡାକ୍ତର—ପ୍ରେମମୟୀ, ତୁମର ବଚନ ମାଧୁରୀରେ ମୁଗ୍ଧ ନ ହୋଇ କେଉଁ ତରୁଣର ଶକ୍ତି ଅଛି ଯେ ତୁମର ପ୍ରେମସୁଧା ପାନକୁ ଇଚ୍ଛା ନ କରିବ ? କେଉଁ ଭୁବନମୋହିନୀ ଏ ରାଜପୁର ମଧ୍ୟରେ ସ୍ଥାନ ନେଇଛ ?

ସରଳା—ମୁଁ ଜଣେ ସାମାନ୍ୟ ଦାସୀ, ମୋର କି କ୍ଷମତା ଅଛି ଯେ, ଆପଣଙ୍କୁ ମୁଗ୍ଧ କରିବି ? ଆପଣ ତରୁଣ ଓ ପ୍ରେମିକ—ଆପଣଙ୍କର ପଦସେବିକା ହେବା ପାଇଁ ଏ ଦାସୀ କଣ ଯୋଗ୍ୟ ? ହତଭାଗିନୀର ଶକ୍ତି କାହିଁ ଯେ ଏ ବିରହିଣୀ ହୃଦୟରେ ଏପରି ପୁରୁଷର ସଙ୍ଗ-ସୁଖ ଲାଭ କରି ପାରିବ ?

ଡାକ୍ତର—ମୋହିନୀ ! ମୁଁ ତୋର ଦାସ ସ୍ୱରୂପ ହୋଇ ରହିଲି । ତୋର ବଚନମାଧୁରୀ ମୋର ବିବେକ ହରାଇ ନେଇଛି ।

ସରଳ—ଆଜି ରାତିକ ମୋ ପୁରରେ ରହିବାକୁ ମୋର ପ୍ରାର୍ଥନା ।

ଡାକ୍ତର—ଚିନ୍ତା କରନାହିଁ ପ୍ରେମମୟି ! ତୁମ ପୁରରେ ଆଜି ରାତି ଜାଗର ରହିବାକୁ ହେବ ।

( ସରଳାର ଗାନ ଶେଷ ପରେ ଖାଦ୍ୟ ସଙ୍ଗେ ମଦ୍ୟପାନ ଓ ଅଚେତନରେ ସରଳ ଦ୍ୱାରା ମଦ୍ୟ ସଙ୍ଗେ ବିଷ ପାନ କରି ଡାକ୍ତରର ମୃତ୍ୟୁ )

ସରଳା—ଆଜି ନିଶ୍ଚୟ ପ୍ରାଣ ଯାଇଥାନ୍ତା ! କିନ୍ତୁ ବିଷ ମିଶ୍ରିତ ମଦ୍ୟ ଦ୍ୱାରା ଡାକ୍ତରର ପ୍ରାଣ ନେଇଛି । ପିଶାଚ ସେନାପତି ! ଦେଖିବି ତୋର କେତେ ବୁଦ୍ଧି, କେତେ କୌଶଳ ! ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ପ୍ରଥମେ ସିପାହୀ ପଠାଇଲୁ !

ତୋର ସେ କୌଶଳ ଖଟିଲାନାହିଁ । ପୁଣି ଡାକ୍ତର ଆଜି ପ୍ରାଣ ହରାଇଛି । ଜାଣିନାହୁଁ, ସରଳ ତୋର ଚରଣକୁ ଧୋଇ ରହିଛି । ତୋର ମୃତ୍ୟୁ ଆଉ ବେଶୀ ଡେରି ନାହିଁରେ ଅଧମ ।

( ପ୍ରସ୍ଥାନ )



## —ଷଷ୍ଠ ଅଙ୍କ—

### —ପ୍ରଥମ ଦୃଶ୍ୟ—

( ସେନାପତି ଭବନ )

ପ୍ରହରୀ—ସେନାପତି ବାବୁ ! କାଲି ଡାକ୍ତର ରାଜପୁରକୁ ଯାଇ ମୃତ୍ୟୁ ମୁଖରେ ପଡିଛନ୍ତି ।

ସେନାପତି—କି ଆଶ୍ଚର୍ଯ୍ୟ ! କିଏ ଡାକ୍ତରଙ୍କୁ ହତ୍ୟା କଲା ?

ପ୍ରହରୀ—ତାର କିଛି ସନ୍ଧାନ ମିଳୁନାହିଁ ।

ସେନାପତି—ରାଜାଙ୍କର ଅଙ୍ଗରକ୍ଷକ ଦୁଇଜଣ ଅଦ୍ଭୁତ ଭାବରେ ପ୍ରାଣ ହରାଇଲେ । ପୁଣି ଆଜ ଡାକ୍ତର ମୃତ୍ୟୁମୁଖରେ ପଡ଼ିଛନ୍ତି, ଏହାର ଗୂଢ଼ ରହସ୍ୟ ତ କିଛି ବୁଝି ପାରୁନାହିଁ । ଅଚ୍ଛା ତୁମ୍ଭେ ଯାଅ, ମୁଁ ତାର ଅନୁସନ୍ଧାନ କରେ ।

( ପ୍ରସ୍ଥାନ )

### —ଦ୍ୱିତୀୟ ଦୃଶ୍ୟ—

( ରାଜପୁର )

(ରାଜାଙ୍କର ମୁମୂର୍ଷୁ ଅବସ୍ଥା—ଶୟନ ଶଯ୍ୟା ଉପରେ ସରଳା ଦେବୀ ଓ ଦାସୀ ଶୁଶ୍ରୂଷା କରୁଥିଲେ )

ସରଳା—ବାପା ! ବାପା ! କଥା କହୁନାହାନ୍ତି କାହିଁକି ? ବାପା

ଦାସୀ—ବାପା, ବାପା ଶୁଣୁ ନାହାନ୍ତି କାହିଁକି ?

ରାଜା—(କ୍ଷୀଣ ସ୍ୱରରେ ଅସ୍ପଷ୍ଟଭାବେ) ମାଆ, ତୁମର ସେବାରେ ମୁଁ ସନ୍ତୁଷ୍ଟ । ରାକ୍ଷସ ସେନାପତି ଯୋଗେ ମୋର ସର୍ବନାଶ । (ଚକ୍ଷୁରୁ ଲୋତକ ଗଡ଼ାଇ) ମୋର ନୟନମଣି, ମୋର ପ୍ରାଣ, ମୋର ଜୀବନ ସମ୍ବଳ ଅଜୟ ଓ ସିକନ୍ଦର ଆଜି କାରାରୁଦ୍ଧ ।

ସରଳା—ତାପରେ ?

ରାଜା—ତାପରେ ଆଉ କଣ ? ମାଆ ! ତୋର ବଦନକୁ ଚାହିଁ ଏ ପ୍ରାଣ ବାହାର ଯାଉ । ଅଜୟକୁ ଆଉ ଦେଖି ପାରିବି ବୋଲି ଆଶା ନାହିଁ ।

ସରଳା—ବାପା ! ଅଜୟବାବୁ ଖୁବ୍ ନିକଟରେ ଅଛନ୍ତି । କହିଲେ ବର୍ତ୍ତମାନ ଡାକି ଆଣିବି ।

ରାଜା—ଡାକି ଆଣିବ ? ସେନାପତି କେତେ ଦୂରରେ—ସେ କି ଅନିଷ୍ଟ କରିବ ଭାବି ପାରୁନାହିଁ ।

ସରଳା—ସେନାପତିକୁ ଏତେ ଭୟ କାହିଁକି ବାବା ? ବର୍ତ୍ତମାନ ଅଜୟବାବୁ ଓ ସିକନ୍ଦର ଇଚ୍ଛା କଲେ ତାହାର ପ୍ରାଣ ନେଇ ପାରନ୍ତି ।

ରାଜା—କାଳସର୍ପ ସେନାପତି, ତାର ବିଷ ଜ୍ୱାଳାରେ ରାଜ୍ୟ ଧ୍ୱଂସ ହେଲା । ରାଣୀର ମୃତ୍ୟୁ ଘଟିଲା, ପୁଣି କଣ କରିବ ତାର ଇଚ୍ଛା ।

ସରଳା—ଆପଣ କଣ ବୁଝି ନାହାନ୍ତି ? ଆପଣଙ୍କୁ ମାରିବା ପାଇଁ ସେ କେତେଥର ଚେଷ୍ଟା କରିଛି । ତାହା ଜାଣେ ମୁଁ ଓ ଜାଣନ୍ତି ଈଶ୍ୱର । ଯେଉଁ ଦିନରେ ଆପଣଙ୍କର ଅଙ୍ଗରକ୍ଷକକୁ ସେ

ଆଦେଶ ଦେଲେ ଆପଣଙ୍କୁ ହତ୍ୟା କରିବାକୁ, ସେଥିପାଇଁ ମୁଁ ହିରେ ଅଙ୍ଗୁରିବାକୁ ମୋତେ ରାଜପୁରକୁ ପଠାଇଛନ୍ତି । ମୁଁ ଆପଣଙ୍କୁ ରକ୍ଷା କରିବାକୁ ଚେଷ୍ଟା କରୁଛି । ଆପଣ ଦେଖିଛନ୍ତି ତ—ସିପାହୀ ଦୁଇଜଣଙ୍କର ମୃତାହତ ଆପଣଙ୍କ ଉପରେ ଗୁଳିମାଡ଼ ।

ରାଜା—ସିପାହୀ ମୁଖରୁ ମୁଁ କେତେକ ଆଭାସ ପାଇଥିଲି, ସେମାନେ ମୋର ହନ୍ତା ରୂପେ ନିଯୁକ୍ତ ହୋଇଥିଲେ ।

ସରଳା—ଦ୍ୱିତୀୟ ଘଟଣା ଆପଣ ଶୁଣନ୍ତୁ । ସେନାପତିର ସେ କୌଶଳ ବୃଥା ହୋଇଯିବାରୁ ପୁଣି ଆପଣଙ୍କ ଚିକିତ୍ସା ନିମନ୍ତେ ଡାକ୍ତର ପଠାଇଥିଲେ । ତାଙ୍କ ସହିତରେ ଗୁପ୍ତ ପରାମର୍ଶ କରିଥିଲେ ଯେ, ଆପଣଙ୍କୁ ଡାକ୍ତର ବିଷ ଦେଇ ହତ୍ୟା କରିଆନ୍ତୁ । ତାହା ମୁଁ ଜାଣିପାରି ଡାକ୍ତରକୁ ହତ୍ୟା କରିଛି ।

ରାଜା—ରାଣୀ କଥା ମନେ ପଡ଼େ ମୋର,
ଚାହିଁଲି ମୁଁ ଆଜି ମୋ ମା'କୁ ।
ଲୁଚି ଲୁଚି ବୁଲୁଥିଲୁ ନ ଦେଇଣ ଧରା,
ପାଇଅଛି ଏତେଦିନେ ମୋର ହୃଦରତ୍ନ
ପାଇଛି ତାଠାରୁ ଆଜି ସ୍ୱର୍ଗୀୟ ମାଧୁରୀ,
ଦୟା, କ୍ଷମା, ସେବା ଓ ଶୁଶ୍ରୂଷା
ପାଇବା ମୋ ପକ୍ଷେ ନୁହଁଇ ଉଚିତ
ମୋ ପୂର୍ବ କରଣୀ ଅନୁପାତିତ ॥
ଆ ମା ସରଳା !

ନିକଟକୁ ଆ ।
ହସ୍ତ ରଖି ମଥାପରେ ତୋର—
କରେ ମୁହିଁ କୋଟିଏ କଲ୍ୟାଣ ॥
( ପାଖକୁ ଟାଣିନେଇ ମୁଣ୍ଡରେ ହାତ ବୁଲାଇବା )
ସର ! ନୁହଁ ତୁମେ ପୁତ୍ରବଧୂ
ମା' ମୋର ତୁମେ ।
କରିଅଛି ତୁମ୍ଭଠାରେ କେତେ ଦୋଷ ମୁହିଁ ॥
ରାକ୍ଷସ ବୁଦ୍ଧିରେ ପଡ଼ି—
ଠେଲିଲି ପୁତ୍ରଙ୍କୁ,
ଦେଲି ପ୍ରାଣେ ଆଘାତ ତୁମର ॥
ବେଶ୍ୟାକନ୍ୟା ବୋଲି,
ଭର୍ତ୍ସନା କରିଛି ବହୁ ॥
ସରଳା !
ଧନ୍ୟ ତୋ ହୃଦୟ !
ସହି ଏ କୁବାକ୍ୟ, ଦୁର୍ନାମ,
ଏ ଅଧମ ପିତା ପ୍ରତି ଦେଖାଇଲୁ ଭକ୍ତି ॥
ଶତ୍ରୁ ତୋର ମୁହିଁ,
ରକ୍ଷା କଲୁ ଶତ୍ରୁର ଜୀବନ ।
ଧନ୍ୟ ତୋର ମହତ୍ତ୍ୱ !

ସରଳା—ଆପଣ ଆମ୍ଭର ପିତା ! ଆପଣଙ୍କର ଦୋଷ ବାଛିବାର କ୍ଷମତା ଆମର ନାହିଁ । ଅଜୟ ଓ ସିକନ୍ଦର ଦଣ୍ଡିତ ହୋଇଛୁଁ, ଆପଣଙ୍କ ପାଇଁ ପ୍ରାଣ ଦେବାକୁ ପ୍ରସ୍ତୁତ ।

ରାଜା—ସତେ କଣ ଅଜୟ ସିକନ୍ଦର ସହିତ ସାକ୍ଷାତ ହୋଇ ପାରିବ ?

ସରଳା—ଅଜୟ ବାବୁ ଓ ସିକନ୍ଦରଙ୍କୁ ବାନ୍ଧନ୍ତି କିଏ ? ବାନ୍ଧନ୍ତି ଆପଣଙ୍କର ଆଦେଶ—ଲୁହା ଶିକୁଳି ବାନ୍ଧନାହିଁ ପିତା ! ତାକୁ ସେ ଭାଙ୍ଗିଦେଇ ପାରନ୍ତେ, କାରାଗାର ଭାଙ୍ଗି ପାରନ୍ତେ—କିନ୍ତୁ ଆପଣଙ୍କ ଆଦେଶ, ଭାଙ୍ଗି ପାରିବେ ନାହିଁ ।

ରାଜା—ଦାସି ! ଅଜୟ, ସିକନ୍ଦରଙ୍କୁ ଥରେ ଦେଖିବି—ଭାରି ଇଚ୍ଛା ହେଉଛି । ଉଦ୍‌ବେଗ ବଢୁଛି । ଯାଅ, ସେମାନଙ୍କୁ ଘେନି ଆସ ।

ସରଳା—ଦାସି ! ଶୀଘ୍ର ଯାଅ । ଅଜୟ ବାବୁଙ୍କୁ କୁହ, ପିତାଙ୍କର ମୁମୂର୍ଷୁ ଅବସ୍ଥା, ଶୀଘ୍ର ଆସନ୍ତୁ ।

( ଦାସୀର ପ୍ରସ୍ଥାନ ଓ ଅଜୟ ସିକନ୍ଦରର ପ୍ରବେଶ )

ଅଜୟ—ବାପା, ବାପା ! କଥା କହୁନାହାନ୍ତି କାହିଁକି ?

ସିକନ୍ଦର—ଦେହ କଣ ହୋଇଛି ବାପା ! କାନ୍ଦୁଛ କାହିଁକି ?

ରାଜା—(ଉଚ୍ଚ ସ୍ୱରରେ କାନ୍ଦି ଓ ଦୁଇହାତ ପୁତ୍ରଙ୍କ ଉପରେ ପକାଇ) ବାପା ଅଜୟ ! ବାପା ସିକନ୍ଦର ! ମୁଁ ତୁମର ପିତା ନୁହେଁ—ତୁମର ଶତ୍ରୁ । ଆଉ ବାପା ବୋଲି ଡାକନାହିଁ । ଅଜୟ ! ମୁଁ ପିତାର କାର୍ଯ୍ୟ କରିନାହିଁ—ମୋର ଦୋଷ । ବୁଦ୍ଧି ମୋର ଲୁପ୍ତ ହୋଇଛି । ଭାବିବାର ସମୟ ଆଉ ନାହିଁ । ମା' ସରଳା ! ( ଅଜୟର ହାତମୁଠା ଭିତରେ ସରଳାର ହାତମୁଠା ରଖି) ଏହି ତୋର ସ୍ୱାମୀ, ଏହି ରାଜା, ତୁ ଅଜ କନୋଜର ରାଣୀ । ରାଣୀଙ୍କର ବାଞ୍ଛା ପୂର୍ଣ୍ଣ ହୋଇଛି ।

ବାପା ସିକନ୍ଦର ! ପିତାର ଦୋଷ କ୍ଷମା ଦିଅ । ଯାଅ, କଲ୍ୟାଣ କରୁଛି, (ମଥାରେ ହାତ ବୁଲାଇ) ସେନାପତିର ହୃଦୟ ବିଦୀର୍ଣ୍ଣ କରି ତାହାର ରକ୍ତରେ ସରଳା କପାଳରେ ଚିତା କାଟିଦିଅ । ସେହି ରାକ୍ଷସ ରକ୍ତରେ ରାଜ ସିଂହାସନ ଧୌତ କର । ଯେଉଁ ସ୍ଥାନରେ ରାକ୍ଷସ ସେନାପତିର ମୁଣ୍ଡ ହେବ—ସେହି ସ୍ଥାନରେ ବିଜୟନିଶାଣ ଟେକିଦିଅ । ଆଉ କିଛି ମୋର କହିବାର ନାହିଁ—କଣ୍ଠ ରୁଦ୍ଧ ହୋଇ ଆସୁଛି, ଓଃ—ବଡ଼ ଅବଶ—ବଡ ନିସ୍ତେଜ । ପ୍ରଭୋ ! ନାରାୟଣ ! ନା-ରା-ୟ-ଣ ! ନା ·····ରା ·· ( ଚକ୍ଷୁମୁଦ୍ରିତ )

ଅଜୟ—ବାପା ! ବାପା ! ଶୁଣୁନାହାନ୍ତି କାହିଁକି ? ସରଳା ! ସରଳା ! ଗଙ୍ଗାଜଳ ଆଣ ।

ଅଜୟ, ସିକନ୍ଦର, ସରଳା—ବାପା ! ବାପା ! ବାପା ! ଓଃ, ବାପା ଆଉ ନାହାନ୍ତି ! ( କାନ୍ଦିବା )

ଅଜୟ—(କିଛି ସମୟ ପରେ ଉଠି କ୍ଷୀଣ ସ୍ୱରରେ କାନ୍ଦି ୨ କହିବା) ସରଳା ! ସିକନ୍ଦର ! ଧୈର୍ଯ୍ୟ ଧର । ନିୟତିର ନିୟମ ଏଡ଼ିବାର ଶକ୍ତି କାହାର ? ସାହସ ଧର । ପିତୃ ଶୋକରେ ଅସ୍ଥିର ହେବା ବୀର ଓ ବୀର ରମଣୀ ପକ୍ଷେ ବଡ଼ ଅଶୋଭନୀୟ । ଚାଲ, ପିତାଙ୍କର ଶବ ସଂସ୍କାର ଓ ଅନ୍ତ୍ୟେଷ୍ଟିକ୍ରିୟା ସମାଧାନ କରିବା ।

( ଶବ ସହିତ ସମସ୍ତଙ୍କର ପ୍ରସ୍ଥାନ )

ନଂ ............
ତା ............

## ତୃତୀୟ ଦୃଶ୍ୟ

( ଅଜୟ, ସିକନ୍ଦର ଓ ସରଳାର ପ୍ରବେଶ )

ଅଜୟ—ଆଜ୍ଞା ପ୍ରସ୍ତୁତ ହୋଇ ଚାଲ ସେନାପତିପୁର ଘେରାଉ କରି ସେ କ୍ରୂର ଅତ୍ୟାଚାରୀଙ୍କୁ ହତ୍ୟା କରିବା ।

ସରଳା—ଆପଣ ଦୁଇଜଣ ଯାଆନ୍ତୁ ସେନାପତି ପୁର ଆକ୍ରମଣ କରିବେ । ସେ ବହୁତ କୌଶଳୀ—ତାଙ୍କୁ ଆକ୍ରମଣ କରିବା କଥା ଶୁଣିଲେ ସେ ଛଦ୍ମବେଶରେ ପଳାୟନ କରିବ । ମୁଁ ଯାଉଛି ଛଦ୍ମବେଶ ଧାରଣ କରି ଗଡ଼ଖାଇର ଦ୍ୱାରଦେଶରେ ଦଣ୍ଡାୟମାନ ହେବି । ଯଦି ସେ ଗଡ଼ ଭେଦ କରି ପଳାୟନ କରେ, ତେବେ ନିଶ୍ଚୟ ମୋ ଦ୍ୱାରା ଧୃତ ହେବ ।

ଅଜୟ—ସରଳା ! ତୁମ୍ଭେ କି ବେଶରେ ଯିବ ?

ସରଳା—ଦେଖୁନାହାନ୍ତି, ବଣିକଦଳ କିପରି ଭାରତର ପଶ୍ଚିମଘାଟ ପର୍ବତର ପଶ୍ଚିମାଞ୍ଚଳକୁ ଘାଣ୍ଟି କରି ସ୍ଥାନେ ୨ ବୁଲୁଛନ୍ତି ? ମୁଁ ସେହି ବଣିକଦଳର ସେନାପତି ବେଶରେ ଭ୍ରମଣ କରିବି । ସେ ପିଶାଚ ନିଶ୍ଚୟ ବଣିକଦଳର ସାହାଯ୍ୟ ଲୋଡ଼ିବ । ବୋଧହୁଏ ମୋ ସାକ୍ଷାତରେ ତାହାର ସମସ୍ତ ଅନ୍ତର କଥା ପ୍ରକାଶିତ ହେବ । ଏହି କୌଶଳରେ ମୁଁ ତାଙ୍କୁ ଧରି ଆପଣଙ୍କ ନିକଟକୁ ନେଇ ଆସିବି ।

( ସମସ୍ତଙ୍କର ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

( ସେନାପତି ଓ ସିପାହୀର ପ୍ରବେଶ )

ସିପାହି—ସମୟ ନାହିଁ—ଠିକ୍ ଆପଣଙ୍କ ପୁର ଚତୁର୍ଦ୍ଦିଗରେ ଓ ସିଂହଦ୍ୱାରରେ ଅସଂଖ୍ୟ ସୈନ୍ୟ ଘେରାଉ କଲେଣି । ବୋଧହୁଏ ଆଉ ଅଳ୍ପକ୍ଷଣ ମଧ୍ୟରେ ଭିତରେ ପ୍ରବେଶ କରିବେ ।

ସେନାପତି—ଆଜି କଣ ମୋର ହତ୍ୟା ଯୋଗ ? କିଏ ରକ୍ଷା କରିବ ? କଣ ପଳାୟନ କରିବାର ଉପାୟ ନାହିଁ ?

ସିପାହି—ଉପାୟ କିଛି ନାହିଁ । ମୁଁ ଦେଖି ଆସିଛି—ରାଜପଥରେ ଘାଟି ଘାଟି ସୈନ୍ୟମାନେ ଜଗିଛନ୍ତି । ସମସ୍ତ ସୈନ୍ୟ ଉତ୍ତେଜିତ ଓ ଦେଶବାସୀ ଆପଣଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଲୁଣ୍ଠିତ ହୋଇଛନ୍ତି ।

ସେନାପତି—ସମୟ ନଷ୍ଟ କରିବାର ବେଳ ନାହିଁ । ତୁମର ସିପାହି ପୋଷାକ ଦେଇ ଏହି ସ୍ଥାନରେ ଆଅ । ମୁଁ କପଟ ବେଶରେ ଅନ୍ତର ହେଉଛି ।

(ପ୍ରସ୍ଥାନୋଦ୍ୟତ)

(ଅଜୟ ସିଂହ ପ୍ରବେଶ କଲେ)

ଅଜୟ—ସିପାହି ! ସେନାପତି ବାବୁ କାହାନ୍ତି ?

ଛଦ୍ମବେଶୀ ସେନାପତି—ତାଙ୍କର ଶୟନ ମନ୍ଦିରରେ ଅଛନ୍ତି ।

ଅଜୟ—ଆସ ସୈନ୍ୟଗଣ ! ସେନାପତି ପୁର ତଲ୍ଲାସ୍ କର । ନିର୍ଦ୍ଦୟ ଭାବେ ହତ୍ୟା କର ।

( ସେନାପତି ପୁର ତଲ୍ଲାସ୍—କୌଣସି ସ୍ଥାନରେ ସେନାପତିଙ୍କ ସନ୍ଧାନ ନ ପାଇ ସମ୍ଭୂତ ହୋଇଗଲେ ଏବଂ ସିପାହିକୁ ଗିରଫ କଲେ )

ଅଜୟ—ତୁମ୍ଭେ ସେନାପତିଙ୍କୁ ଲୁଚାଇ ରଖିଛ ?

ସିପାହି—ଏହି ଯେ ଆପଣଙ୍କ ଆଗେ ଆଗେ ସେନାପତି ଗଲେ !

ଅଜୟ—କଣ, ସିପାହୀ ବେଶରେ ଗଲେ କି ?

ସିପାହି—ହଁ ।

ଅଜୟ—ତୁମ୍ଭର ପୋଷାକ କାହିଁ ?

ସିପାହି—ପ୍ରାଣ ରକ୍ଷା କରିବା ପାଇଁ ମୋ ଠାରୁ ପୋଷାକ ନେଇ ଯାଇଛନ୍ତି ।

ଅଜୟ—ସେନାପତିଙ୍କୁ ରକ୍ଷା କରିବା ଅପରାଧରେ ତୁମ୍ଭେ ଦଣ୍ଡିତ ହେବ । ସିପାହୀମାନେ ! ଏ ରାଜଦ୍ରୋହୀକୁ ବାନ୍ଧି କର ।

( ରାଜସୈନିକମାନେ ସେନାପତି ଅନ୍ୱେଷଣରେ ଗମନ )

( ସମସ୍ତଙ୍କର ପ୍ରସ୍ଥାନ )

—(୦)—

## —ପଞ୍ଚମ ଦୃଶ୍ୟ—

( ରାଜପଥ )

(ସରଳା ସେନାପତି ବେଶରେ ସିପାହୀବେଶୀ ସେନାପତିଙ୍କୁ ଦେଖି)

ସରଳା—କିଏ ତୁମ୍ଭେ ସିପାହି ! ଏତେ ଚଞ୍ଚଳମତି କାହିଁକି ?

ସିପାହି—ଆପଣ କିଏ ? ଆପଣ ତ ପାଶ୍ଚାତ୍ୟ ବୀର ପରି ଜଣା ପଡ଼ୁଛନ୍ତି ।

ସରଳା—ହଁ ପାଶ୍ଚାତ୍ୟ ବଣିକ ଦଳର ସେନାପତି ମୁଁ ।

ସିପାହି—ଆସିଛନ୍ତି କାହିଁକି ?

ସରଳା—କନୌଜ ନଗର ରାଜବାଟୀରେ ଭୟଙ୍କର ଗୋଲମାଳ ହେଉଛି । ସେଠାକାର ସେନାପତି ଉପରେ କଠୋର ଅତ୍ୟାଚାର ହେବାର ସମ୍ଭାବନା । ଏହି ସବୁ ଖବର ବୁଝି ସେମାନଙ୍କ ମଧ୍ୟରେ ମୀମାଂସା କରାଇବା ପାଇଁ ଆମ୍ଭ ବଣିକ ଦଳର ନେତା ମହାମାନ୍ୟ ରବର୍ଟ ସାହେବ ମୋତେ ପଠାଇଛନ୍ତି ।

ସିପାହି—ମୁଁ ସେହି ସେନାପତି । ଆଜି ଏହି ଦୁର୍ଦ୍ଦଶାରେ ପଡ଼ି ସିପାହୀ ବେଶ ଧାରଣ କରିଛି । ମୋ ଗଡ଼ ଚତୁର୍ଦ୍ଦିଗ ଘେରାଉ ହୋଇଛି । ଅନୁରୋଧ, ମୋର ପ୍ରାଣ ରକ୍ଷା କରନ୍ତୁ, ସାହାଯ୍ୟ କରନ୍ତୁ ମୋତେ—କନୌଜ ନଗର ଦଖଲ ପାଇଁ ।

ସରଳା—ଆସ, ମୀମାଂସା କରିବା ସେକଥା । ଯଦି ମୀମାଂସା ନ ହୁଏ ତେବେ ତୁମ୍ଭଙ୍କୁ ସାହାଯ୍ୟ ଦିଆଯିବ ।

( ଛଦ୍ମବେଶିନୀ ସରଳା ଛଦ୍ମବେଶୀ ସେନାପତିଙ୍କୁ ନେଇ ଅଜୟ ନିକଟରେ ପ୍ରବେଶ ।

ସରଳା—ଦେଖ ଯୁବରାଜ ! ଏହି ସେହି କପଟୀ ସେନାପତି । ସେନାପତି ! ଯୁଦ୍ଧକୁ ଅଗ୍ରସର ହୁଅ । ଅଜୟ ଓ ତାର ଫୌଜମାନଙ୍କୁ ପରାସ୍ତ କର—ତୁମ୍ଭଙ୍କୁ ଏ ରାଜ୍ୟଟି ଦିଆଯିବ ।

ତାହା ନ ହେଲେ ତୁମ୍ଭ ଜୀବନ ସଙ୍କଟାପନ୍ନ । କନୌଜ ନଗରକୁ ଯେ ଧ୍ୱଂସ ଅବସ୍ଥାକୁ ଆଣିଛ, ସେହି ଧ୍ୱଂସ ଲୀଳାରେ ତୁମ୍ଭେ ଜଣେ ଅଭିନେତା ହେବ । ଯେଉଁ ଖଣ୍ଡା ମୂନରେ ରାଣୀବକ୍ଷ ବିଦୀର୍ଣ୍ଣ କରିଛ, ସେହି ଖଣ୍ଡାରେ ତୁମ୍ଭେ ପ୍ରାଣ ହରାଇବ । ଯୁଦ୍ଧକୁ ଅଗ୍ରସର ହୁଅ ।

( ଅଜୟ, ସିକନ୍ଦର ସହିତ ସେନାପତିର ଯୁଦ୍ଧ—ଅଜୟ ସିକନ୍ଦର ଦ୍ୱାରା ପରାସ୍ତ—ରାଜପୁତ ସେନାପତିକୁ ଦେଖିଯିବା ଗୁରଦାସଙ୍କୁ ଗୁଳିମାଡ଼ ଓ ସେନାପତିର ପତନ । ସରଳା ସେନାପତିର ଶିରଚ୍ଛେଦନ । ଅଜୟ ସେନାପତି ରକ୍ତରେ ସରଳା ମସ୍ତକରେ ଟିକା ଦେବା )

ଅଜୟ—ଏହି ଦେବ ନିର୍ଦ୍ଦେଶ !
ଧରନ୍ତୁ ମସ୍ତକେ ଏ ରକ୍ତ ତିଳକ ।

ନଂ 237 ତା 17 JUL 1950

ଯ-ବ-ନି-କା-ପ-ତ-ନ

ଅନ୍ନପୂର୍ଣ୍ଣେଶ୍ୱରୀ ପ୍ରେସରେ ଶ୍ରୀ ଘନଶ୍ୟାମ ସାହୁଙ୍କ ଦ୍ୱାରା ପ୍ରଥମବାର ମୁଦ୍ରିତ । ୧୯୫୦ ମସିହା ।